GOVERNMENT OF INDIA
NATIONAL LIBRARY, CALCUTTA.

Or
Class No. 294·5

Book No.
~~B469bh~~
N. L. 38. Bh236

MGIPC—S4—38 LNL/56—22-5-57—50,000.

ସଚିତ୍ର

ଭଜନସାର

ବା ଭକ୍ତରଞ୍ଜନ ଭଜନ ।

ଏଥିରେ ଅଖଣ୍ଡଲମଣି, କାଳୀଠାକୁରାଣୀ, ଜଗନ୍ନାଥମେଳା, ଭାଗବତସପ୍ତା, ଖଣ୍ଡାରଲେବଆଦି, ନାନାପ୍ରକାର ଭଜନ, ଜଣାଣ, ଓଡ଼ିଆ ବଙ୍ଗଳା ଛନ୍ଦୀରେ ଲେଖାଯାଇ ଅଛି

ଶ୍ରୀମୋହନ ଚରଣ ଦାସଙ୍କଦ୍ୱାରା ସଂଶୋଧିତ
୨ୟବାର ପ୍ରକାଶିତ ।

PRINTED & PUBLISHED BY SARAT CH. RAY.
AT THE ANGLO-SANSKRIT PRESS,
51, SANKARITOLA
CALCUTTA
1921

ମୂଲ୍ୟ ଟ ୦ ।৵ ଛଅଅଣା ମାତ୍ର ।

ସୂଚୀପତ୍ର ।

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ଜୟ ଭୂତଭାବନ ଶମ୍ଭୁ	୧	ରାଧେକୃଷ୍ଣ ରାଧେକୃଷ୍ଣ	୧୨
ମନ ଭଜ ଭଜ ଶିବ	୧	ଭୁଲମନ ଭୁଲୁ କାହିଁକି	୧୨
ଭଜରେ ମନ ଭୂତନାଥ	୨	ମନ ନ ଚେତିଲୁ	୧୩
ମହେଶ ହେ, କରୁଣା ଭବ	୨	ମୂଢ଼ମନ ବୃଦ୍ଧକର	୧୩
ଆଖଣ୍ଡଳମଣି ହେ,	୨	ବଞ୍ଚିଲୁ ମୋ ହଦ୍ଧରୁ	୧୪
ଜୟ ଆଖଣ୍ଡଳମଣି	୩	ହେମୋହମାୟାଃ ଧନ୍ଦେ	୧୪
ନମଃ କାଳିକେ	୩	ବହିଛୁ ଅବନା ବାଇ	୧୪
ମାତ କାଳିକା ଗୋ,	୪	ପ୍ରିୟ ସଜନୀ ଗୋ ଯାହା	୧୫
ଏହି ମୋର ବିନୟ ଗୀର	୪	ମନ କହୁଛିରେ	୧୫
ଶ୍ରୀନାଥ ହେ, ଅନାଥ	୫	ରେ ମନୁଆ ଭୁକ୍ତ ହୋଇ	୧୬
ଶ୍ରୀନାଥ, ଫେଡ଼ ଫେଡ଼	୬	ରେ ଅବୁଝାମନ ବୁଝୁନାହିଁ	୧୬
ମନ ଭଜ ଶ୍ରୀନାଥ ଚରଣ	୬	ଆରେ ମନବାଇ	୧୬
ମାନଉଦ୍ଧାରଣ କର ହେ	୭	ମନରେ, ଭାବଶ୍ରୀହରିଙ୍କି	୧୭
ଜୟ ଜଗବନ୍ଧୁ ହେ	୭	ଭଜମନ ଗୋବିନ୍ଦ ହରେ	୧୭
ଦୀନବନ୍ଧୁ ଦଇତ୍ୟାରି	୮	ମୂଢ଼ମାନସରେ ତୁ କେତେ	୧୮
କଳାକୃଷ୍ଣ କମଳ	୮	ରେ ମନ, ଗୁଣ ବିଚାର	୧୮
ଅହେ ଚକାଡ଼ୋଳା	୮	ହର ମୋ ଆରତ ହେ	୧୯
ମହିମା ଗୁଣିମା ହେଉ	୯	ହେ ଦଇତ୍ୟାରି ଘୋର	୧୯
ଦୁଃଖନାଶନ ଗରୁଡ଼ାସନ	୯	ଅହେ ମହାବାହୁ ରାସି	୧୯
ଭୁଜତଳେ ମୋତେ ରଖ	୧୦	ରଘୁନନ୍ଦନ ହେ ଏହି	୨୦
ଅଭଜନା ଭଜରେ ବାବୁ	୧୦	ଗ୍ରହିଁ ସଖି ଗଜ ଉଦ୍ଧାରଣ	୨୦
ଆରେ ଶୁଖା ଖଡ଼ି	୧୧	ଅହେ ରଘୁନାଥ ମୁହିଁ	୨୧
ବାଇମନ ହେଁ। ବସି	୧୧	ଜଗନ୍ନାଥ ମୋ ଆରତ	୨୧
ଛାଡ଼ ହୋ କର ବିଷମ	୧୨	ହରି ସହିଗଲ ପାତକର	୨୨

ବିଷୟ	ପୃଷ୍ଠା	ବିଷୟ	ପୃଷ୍ଠା
ଅହେ ପ୍ରଭୁ ପଙ୍କଜମୁଖ	୨୨	ଅହେ ପ୍ରଭୁ ଜଗନ୍ନାଥ	୩୨
ରମାରମଣ ହେ, କ୍ଷମାକର	୨୩	ପ୍ରଭୁନାମ ବିନା ଅନେ	୩୨
ଦୀନବାନ୍ଧବ ହରି ହେ କର	୨୩	ଲାଗିଛନ୍ତି ବ୍ରହ୍ମଆଣ୍ଡି	୩୩
ଭଜରେ ମନ ରଜନୀ ଦିନ	୨୪	ବଙ୍ଗଳା ଭଜନ ।	
ଅହେ ଚକାଆଖି, ସୁଙ୍କା	୨୪	ମନକେନ କୃଷ୍ଣସ୍ବାଜର	୩୩
ଶ୍ରୀପତି ମୋ ବିପତ୍ତି	୨୫	କୋଥାଅଛି ବଂଥାହାନ୍ତି	୩୪
ଜୟ କାନନବିହାରୀ ହେ	୨୫	ଜୟ ନାରାୟଣ ଭୟ-	୩୪
ସ୍ମୃମନରେ ଚିନ୍ତ ଜଗ-	୨୫	ମନ ଆମାର ଆମାୟ	୩୪
ହରି ହେ ଏକି ନିଷ୍ଠୁର	୨୭	ଭକ୍ତି ଭରେ ମଧୁର ସ୍ବରେ	୩୫
ରାମକୃଷ୍ଣ ରାମକୃଷ୍ଣ ରାମ	୨୭	ଜୟ ଜଗଦୀଶ୍ବର	୩୫
ମହାବାହୁ କେବେ ଦେଲ	୨୭	କୋଥା ଗୋ ମା ଭବଦାରା	୩୫
ଦୀନବାନ୍ଧବ ହେ, କେ କି	୨୭	ଦିବା ଅବସାନ ହଲ	୩୫
ଅହେ ନୀଳଶଇଳ ପ୍ରବଳ	୨୮	କିଧନେ ଡୁଷିବ ହରି ହେ	୩୭
ଅହେ ନୀଳଗିରି, ତୁମ୍ଭ—	୨୮	ହେଲହେ ରତନ	୩୭
ହେ ଜଗନ୍ନାଥ, ନଜାଣ କି	୨୯	ଭୁମିକାର କେ ତୋମାର	୩୭
ଅନ୍ତିମ ପାଦପଦ୍ମକୁ	୨୯	ସୁଧାମାଖା ହରିନାମ	୩୭
ସୁମନ ଆରେ ମୋ ବୋଲ-	୩୦	ହରିନାମ ବଡ଼ ଭାଲବାସି	୩୭
ବାଛୁ କେ ନାମ ଦେଲ	୩୦	ହିନ୍ଦୀ ଭଜନ ।	
ଅହେ ପ୍ରଭୁ ଶ୍ରୀମହାବାହୁ	୩୦	କାହାଁ ଗନ୍ଧକି ଧନୀ	୩୭
ଲାଗିଛୁ ଲୀଳା ନୀଳା	୩୧	ଶ୍ରୀ ଜାଗିୟେ ରଘୁନାଥ	୩୮
ଲକ୍ଷ୍ମୀପତି ମୋ ବିନତି	୩୧	ବକ୍ଷଭୁଲ କ୍ୟାସମଜ୍ଝାରେ	୩୮
ଲକ୍ଷ୍ମୀ ହାସନ ମହତ୍ତ୍	୩୨		

ଭକ୍ତଚନ୍ଦ୍ରଭଜନ ବା ଭଜନସାର ।

BENGAL LIBR

ଶିବଙ୍କ ବା ଆଖଣ୍ଡଲମଣିଙ୍କ ଭଜନ ଜଣାଣ ।

ଜୟ ଭୂତଭାବନ, ବିଶ୍ୱପାବନ, ସାଧୁସଜ୍ଜନ ରଞ୍ଜନ ।
ଜୟ ଅଗ୍ନି ଭାଲକ, ଜୀବପାଳକ- ଅସ୍ଥି ମାଳକ ଶୋଭନ ॥
ଜୟ ଆନନ୍ଦକାରଣ, ଭୀତିବାରଣ, ପାପଭୀଷଣ ନାଶନ ।
ଜୟ ଶୃଙ୍ଗବାଦକ, ଭାଲ ପାବକ, ଦୁଷ୍ଟ ବଞ୍ଚକ ଶାସନ ॥
ଜୟ ପ୍ରେତନାୟକ, ତତ୍ତ୍ୱ ଗାୟକ, ଶୂଳ ଶାୟକଧାରଣ ।
ଜୟ ଭକ୍ତବତ୍ସଳ, ସତ୍ୟ ନିଶ୍ଚଳ, ନିତ୍ୟ ମଙ୍ଗଳକାରଣ ॥
ଜୟ ଷଣ୍ଢବାହନ, ଭଣ୍ଡଶାସନ, ବିଲ୍ୱକାନନ ଚାରଣ ।
ଜୟ ସର୍ପଖେଳନ, ଦର୍ପହାରଣ, ମୀନକେତନ ମାରଣ ॥

ମନ ଭଜ ଭଜ ଶିବ ଶୂଳଧାରୀ । ପଦ ।
ସଙ୍କଟ ମୋଚନ, ଦେବ ତ୍ରିଲୋଚନ, ପାପ ବିମୋଚନକାରୀ ।
ଶଶାଙ୍କ ଅଙ୍କିତ ଭାଲେ ସୁଶୋଭିତ, କପଟେ ନିପଟେ ଶଠ ମାରି ।୧।
ଭୂତନାଥ ହର ବ୍ୟୋମଦିଗମ୍ବର ଲଟପଟ ଜଟା ବିସ୍ତାରି ।
ହର ବୋମ ବୋମ ଶିବ ବୋମ ବୋମ ମଦନଙ୍କର ଅରି ।
ହର ବୋମ ବୋମ ଶିବ ବ୍ୟୋମ ବୋମ, ଭୋଳା ଗୁଣମୋ ସୁହାରୀ ।
ଭୂଷଣ ମୋହନ ଶୁଣ ସାଧୁଜନ ଭଜ ଶଙ୍କର ଶଙ୍କରୀ । ୨ ।

ଭଜରେ ମନ ଭୂତନାଥ ଭବଭୟ ବାରଣଂ ।
ଆଦିଦେବ ଶୂଳପାଣି ତ୍ରିପୁରାସୁର ମାରଣଂ । ପଦ ।

ପଞ୍ଚମୁଖ ଦୃଢ ବ୍ୟାଘ୍ରଛାଲ, ଲଟପଟ ଜଟା ଜୁଟ ଭାଲ । କାଳରୂପ କାଳ କାଳ ବ୍ୟାଳ ବ୍ୟାଳ ଧାରଣଂ । ୧ । ମୁଣ୍ଡମାଳ ଜ୍ୱଳନ-ଚକ୍ଷୁ-ଭାଲ, ଲୋକନାଥ ଲୋକପାଳ, ଦୀନ ଶରଣ ଶିବ ଦୟାଳୁ, ସକଳ କଳୁଷ ହାରଣଂ ॥ ଜଡିତ ରଜତ-କିଣିଣ ରୂପ, ଗଙ୍ଗାଧର ଭୂପ ଭୂପ, ଗୀତ ରସିକ ଭକ୍ତ ଭୂପ ତାର ମଙ୍ଗଳକାରଣଂ । ୩ । ଡିମି ଡିମି ଘନ ଡମରୁ ବୋଲ, ଶୃଙ୍ଗନାଦ ଘୋରରୋଳ, ଅର୍ଦ୍ଧ ମିଳିତ ନୟନ ଲୋଲ, ଯାଚକ୍ରୀ ଜନ ତାରଣଂ । ୪ ।

—✻—

(ଅହିରି ରେ ବେଙ୍କଟେଶ—ରୂପକେ ।)

ମହେଶ ହେ, କରୁଣା ତବ ଅଶେଷ । ସୁର ଜ୍ଞାନହୀନ କି ବର୍ଣ୍ଣିବି ମୁଁ ବିଶେଷ । ପଦ । ପାର୍ବତୀ ଯା ଅର୍ଦ୍ଧାଙ୍ଗିନୀ, ଗଙ୍ଗା ଯା ଚିରସଙ୍ଗିନୀ ଜାନୁ ଜଟାରେ ଶୋଭନ୍ତି ଏ ବେନି ବାଳୀଶ । ୧ । ମସ୍ତକେ ଯା କାଳଫଣୀ, ଆୟୁଧ ତ୍ରିଶୂଳ ପୁଣି । ଯାହାଙ୍କ ନନ୍ଦନ ଅଟେ କାର୍ତ୍ତିକ ବିଘ୍ନେଶ । ୨ । ଚନ୍ଦ୍ରଶେଖର ଯା ନାମ, ଶରଚ୍ଚନ୍ଦ୍ର ଯା ଆନନ । ଦର୍ଶନରେ କାମଭସ୍ମ ବିଷ ଯା ଗଣ୍ଡୂଷ । ୩ । ବଜେ ବୃଷଭ ପୃଷ୍ଠରେ, ନନ୍ଦ ଭୃଙ୍ଗୀ କିଙ୍କର । ଦାସ ଭଣେ ଦବା କରି ହେ କୈଳାସ-ଈଶ, ମହେଶ ହେ । ୪ ।

—✻—

(ମିଶ୍ର ଗହାଁ ଏପର—ରୂପକେ ।)

ଆଖଣ୍ଡଳମଣି ହେ । ଅଶେଷ ମହିମା ତବ କେ ନ ଜାଣି ହେ । । ଘୋଷା । ନାମ ଯାର ପୀୟୂଷ, ବିଷ ଯାର ଗଣ୍ଡୂଷ, ସେହି ଭୋଳା ମହେଶ, ମହିମା ଯା ଅଶେଷ । ପୁତ୍ର ଯାର ଗଣେଶ, ନାମେ ଶମନ ଶାଶ ଶୂଳପାଣି ହେ । ୧ । ଯେ କୈଳାସ ଈଶ୍ୱର, ଦକ୍ଷ ଯାର ଶ୍ୱଶୁର, ବସନ ବ୍ୟାଘ୍ରାମ୍ବର, ବିଭୂତି କଳେବର । ସେହି ଚନ୍ଦ୍ରଶେଖର, ବାମାର୍ଦ୍ଧାଙ୍ଗ ଯାର, ହାର ଫଣୀ ... ଛୋଇ ଅଛ ଅସୁର, ତାକେ

ବାବା ଶଙ୍କର, ପାପ ତାପରେ ମୋର, ପୋଡ଼ିଯାଏ ଶରୀର । ଏଥି ପାର ଉଦ୍ଧାର, କର ପାର୍ବତୀବର, ଦୁଃଖ ଜାଣି ହେ । ୨ । ଜଗତେ ଦୟାକର, ଦୟାସାଗର ହରି, ହର ମୋ କ୍ଲେଶଭାର, ଦାସ ମୋହନ ଗୀର । ପଦ୍ମପାଦରେ ମତି, ରହୁ ଅଛେ ଧୂର୍ଜଟିମଣି ମଣି ହେ ।୩।

(ଝୁଲେ ଏ ନାଗର ବର—ବୃତ୍ତେ)

ଜୟ ଆଖଣ୍ଡଳମଣି । ଜୟ ଜୟ ଶୂଳପାଣି । ପାପୀ ଗତିମୁକ୍ତି ଦାତା । ଡାକୁଅଛି ଯୋଡ଼ି ପାଣି । ଘୋଷା । ଜୟ ଜୟ ଦିଗମ୍ବର, ଜୟ ହେ ଚନ୍ଦ୍ରଶେଖର । ଜୟ ପାର୍ବତୀଙ୍କ ବର, କୈଳାସ ଭୂଷଣ ମଣି । ୧ । ବଳ୍ଲ ବିସ୍ତାରିଲ ନାମ, ଡରି ପଳାଉଛି ଯମ । ମୁହିଁ ତ ବଡ଼ ଅଧମ ପାପ-ତାପୁଁ କର ତାଣି ।୨। ଜୟ ଜୟ ଭୋଲାନାଥ, ଜୟ ଗଜାନନତାତ । ଘେନାକର ମୋ ଆରତ, ଯେ ନାମେ ପାଷାଣ ପାଣି ।୩। ଅଟି ଦୀନହୀନ ଜନ, ନାହିଁ ମୋର କିଛି ଜ୍ଞାନ । ନିଜ-ଗୁଣେ ପ୍ରଭୁ କ୍ଷମ, ମୋହନଚରଣ ଜାଣି । ୪ ।

କାଳୀଙ୍କ ଭଜନ ।

ତାଳ ଏକତାଳି—ଅଡ଼ଖେମଟା ।

ନମଃ କାଳୀକେ ରକ୍ତପାଳକେ ମୁଣ୍ଡମାଳକେ ହରମୋହିକେ ।
ଦାନବଦଳିକେ ଦୁର୍ଗତିନାଶିକେ ଭୂଭାରହାରିଣି ତାରିଣି । ପଦ ।

ନବନୀଲଘନ ଜିନି କାନ୍ତି, ତ୍ରିନୟନ ଦଗମ୍ଭିତ ସୁଦନ୍ତ । ତୁମ୍ଭ ପ୍ରସାଦରେ ଭକ୍ତଙ୍କେ ଭବରେ ସୁଖରେ କରନ୍ତି ଭ୍ରମଣ ॥ ଚତୁର୍ଭୁଜା ନରକର ଶୋଭିତ, ମୁକ୍ତକେଶୀ ଶ୍ମଶାନଭସ୍ମବାସିନୀ । ତ୍ରିପୁରପାଳିନୀ ନାଶିନୀ ଅମ୍ବିକେ ଅସୀମମହିମାଧାରିଣୀ । ୨। ଯେ ଯେଉଁ ଭାବେ ତୁମ୍ଭଙ୍କୁ ଭଜଇ, ତା ବାଞ୍ଛା ପୂର୍ଣ୍ଣକର ଦୟାମୟି । ଦାରିଦ୍ର୍ୟଭଞ୍ଜନ ମୁକ୍ତି ପ୍ରଦାୟିନୀ ଅଭୟବରବିଧାୟିନୀ । ୩ । ବ୍ରହ୍ମାଣ୍ଡ ଖଣ୍ଡ ତୁମ୍ଭ ଅନୁଗତ ଯକ୍ଷ ନାଗ ସୁରାସୁର ବନ୍ଦିତ । କର କୃପା ହର ଅଜ୍ଞାନତିମିର ଯେତେ ସନ୍ତାନର ଦଇନି ।୪।

—✻—

(ପ୍ରାଣସଙ୍ଗିନୀ ରେ—ବୃନ୍ଦେ ।)

ମାତ କାଳୀକା ଗୋ, ନାମ ମାଳିକା କଲ ।
ଭରୁଁ ପାରିହେବ ବୋଲ । ଘୋଷା ।
ନିଜ ଗୁଣରେ ଶ୍ୟାମା, ଦୋଷ କରିବ କ୍ଷମା,
କ୍ଷେମଙ୍କରି ଗୋ ପାଦେ ଶରଣ ଗଲ । ୧ ।
ଖଡ୍ଗ ଖର୍ପର କାତି, ଜଳଦ ବରଣି କାନ୍ତି,
ମୁକ୍ତକେଶୀ ଦର୍ଶନେ ମୁକ୍ତ ହୋଇଲ । ୨ ।
ହୋଇ ତୁ ଅବତାର, ବଙ୍ଗ ଗଙ୍ଗା ତଟର,
ଦର୍ଶନେ ପାପ ତାପ ହରଣ କଲ । ୩ ।
ଅମ୍ବିକେ ଗୋ ଅପର୍ଣ୍ଣା, ଦୁର୍ଗା ପାର୍ବତୀ ଉମା,
ଚରଣେ ଅର୍ଘ୍ୟ କାହିଁ ଯା ନ ଢାଳିଲ । ୪ ।
ତାର ଭବତାରିଣୀ, ମୋହନଦାସ ଭଣି,
ଜବା ବିଲ୍ୱ ପ୍ରସାଦେ ମୋକ୍ଷ ଲଭିଲ ।

—✻—

ତାଲ ଝୁଲା ।

(କାହିଁ ଗଲେ ମୁରଲୀ ଫୁଙ୍କା—ବୃନ୍ଦେ ।)

ଏହୁ ମୋର ବିନୟ ଗୀର । ମୁକ୍ତକେଶୀ ଶ୍ୟାମା ଉଦ୍ଧାର କର । ନବଘନ କାୟା ଲହ ଲହ ଜିହ୍ୱା ସିନ୍ଦୁର ବାଳତରୁଣ ଆକାର । ଘୋଷା । ଦାନବଦଳନି ତ୍ରିପୁରମୋହିନୀ ଗଳେ ଲମ୍ବେ ଜବା-

ମୁଣ୍ଡର ହାର । ଭୈରବୀ ଭବାନୀ ନଗେନ୍ଦ୍ରନନ୍ଦନୀ ମୋହ କରିଅଛ ବାବାଶଙ୍କର । ୧ । ସେହ୍ନ ଆଦ୍ୟାଶକ୍ତି କେ କେତେ ମୂରତି ଧରି ଭଶ୍ୱାସିଛ ମହୀର ଭାର । ଶଙ୍କରଘରଣୀ ଗଣେଶଜନନୀ ତୁମ୍ଭର ମହିମା ଅଟେ ଅପାର । ୨ । ପାପବିନାଶିନୀ ତ୍ରିଲୋକତାରିଣୀ ଏ ଦାସକୁ ପାଦେ ଥିର କରିବ । ଭଣଇ ମୋହନ ଧରି ତବନାମ ଯିବ ଏ ଜୀବନ ସଙ୍ଗେ ମୋହର । ୩ ।

ଶ୍ରୀନାଥଙ୍କ ଭଜନ ।

(ଅହିର ରେ—ବୃତ୍ତେ)

ଶ୍ରୀନାଥ ହେ, ଅନାଥ ଜନଙ୍କ ନାଥ । ଦୀନହୀନ କି ବର୍ଣ୍ଣିବ ମହିମା ଅନନ୍ତ । ଘୋଷା । ବ୍ରହ୍ମା ବିଷ୍ଣୁ ମହେଶ୍ୱର, ଶ୍ରୀନାଥ ନାମେ ତରନ୍ତି । ଯାହାନାମେ ଭକ୍ତବର ପୂର୍ଣ୍ଣ ମନୋରଥ । ୧ । ଧନ୍ୟ ଯାହାର ନାମ, ଅନ୍ଧ ପାଏ ଚକ୍ଷୁଦାନ, ଛୋଟା ପାଦ ପାଇ ପୁଣ

ହୋଇଲା ମୁକତ । ୨ । ପାଶୋରିଲା ସୌଦାଗର, ନାବ ବୁଡିଲା ତାହାର । ମହିମା ବଳେ ଉଦ୍ଧାର ହୋଇଲା ଯଥାର୍ଥ । ୩ । ଇନ୍ଦ୍ରେ ବୈଷ୍ଣବ ଗୁରୁ, ବଂଶନାଶ ସମୂଳରୁ । ହୋଇବା ଦେଖି ଭଜିଲା ଶ୍ରୀନାଥ ଶ୍ରୀନାଥ । ୪ । ଭଣେ ମୋହନ ଚରଣ, ଭଜ ଶ୍ରୀନାଥ ଚରଣ । ଧ୍ୟାନେ ଚିନ୍ତି ଯିବ ଯମ, ତରିବ ସୁପଥ । ୫ ।

—✽—

(ତୋଡ଼ିଲେ,—ବୃତ୍ତେ)

ଶ୍ରୀନାଥ, ଫେଡ ଫେଡ ମୋ ଆରତ । ଘୋଷା । ଭବ ଜଳେ ପଡ଼ି ମୁହିଁ, ଅତି କାତରେ ଡାକଇ । ନ କହିଲେ ନାଥ ଯାହା, ଛପିଲ ନାହିଁ ଅମୃତ । ୧ । ଭଜ ଅରେ ମୂଢ଼ମନ, ଦୃଢ଼ କରିଣ ସେ ନାମ । ସିଦ୍ଧ ହେବ ମନସ୍କାମ, ଯାଉଥିଲେ ହୃଦଗତ । ୨ । ଯେ ନାମ କଲେ ଗାୟନ, ଦୁଃଖୀ ଦୁଃଖ ନିବାରଣ । ସେ ନାମକୁ ଭକ୍ତିଭଳ ଭଜରେ ମନ ସତତ । ୩ । ସର୍ବ ଦୁଃଖ ନିବାରଣ, ପଡ଼ିଥ ଶ୍ରୀନାଥ ନାମ । ଆରତେ ଡାକେ ମୋହନ, ତୁମ୍ଭ ମହିମା ଅନନ୍ତ । ୪ ।

—✽—

(ଖମ୍ବାଜ । ହରବର ନ କର ନାଗର, ବୃନ୍ଦେ ।)

ମନ ଭଜ ଶ୍ରୀନାଥ ଚରଣ । ଯେବେ ଭବୁ ହୋଇବୁ ତାରଣ । ପଦ । ଶ୍ରୀନାଥ ନାମେ ଯେହୁ ଠାକୁର । କେହୁ ତାହାକୁ ନୋହେ ଅନ୍ତର । ଯାହାଙ୍କର ଯୋଗ ଦୃଢ଼ାସନ । ୧ । ଯେହୁ ଅଚିନ୍ତ୍ୟ ବିଶ୍ୱ ବିଧାତା, ଯେହୁ ବ୍ରହ୍ମାଣ୍ଡ ଆନନ୍ଦଦାତା, ଯେହୁ କରନ୍ତି ବିଶ୍ୱପାଳନ ॥ ସେହି ନାମକୁ କର ଗାୟନ, ସେହି ନାମ ପୀୟୂଷ ସମାନ । ସେହି ନାମକୁ କର ପୂଜନ । ୩ । ସେହି ବ୍ରହ୍ମା ବିଷ୍ଣୁ ମହେଶ୍ୱର, ଯାର ସକଳ ଦେବେ କିଙ୍କର । ସେବା କରୁଥାନ୍ତି ଅନୁକ୍ଷଣ ॥ କମଳାସନ ଶୂଳଧାରଣ, ଚକ୍ରଧର ମୋ ଦୁଃଖ ଖଣ୍ଡନ । କର ଦାସାନୁଦାସ ମୋହନ । ୫ ।

—✽—

ଭାଗବତ ସଖା ଭଜନ ।

ତାଳ—ଅଠତାଳ ଯତି ।

ମାନବଭ୍ରାନ୍ତିହର କର ଦୁଃଖ ତାରଣ ଶରଣ ମୁଁ ତୁମ୍ଭ ପାଦତଳେ ।
ପଦ । ଅନାଥର ନାଥ ନୀଳଗିରିନାଥ ଜଗନ୍ନାଥ ନାମ ନୀଳାଚଳେ ।
ମହୋଦଧିକୂଳେ କଳ୍ପବଟମୂଳେ ବିଜେ କରିଅଛ ବଡ଼ଦେଉଳେ । ୧ ।
ଲକ୍ଷଯୋଜନରେ ବାରଣ ଡାକିଲା ତା ଡାକ ଶୁଣିଲ ପକ୍ଷୀ ଆଗେଲେ ।
ମାର୍କଣ୍ଡ ଋଷି ଯାଉଥିଲେ ଭାସି ଉଦ୍ଧରି ଧରିଲ ବାହୁବଳେ । ୨ ।
କିଷ୍କିନ୍ଧ୍ୟାକୁ ଗଲ ବାଳି ବିନାଶିଲ ବନ୍ଧ ଯେ ବାନ୍ଧିଲ ସିନ୍ଧୁଜଳେ ।
ଲଙ୍କାରେ ରାବଣ ବଧିଲ ଆପଣ ଜନକନନ୍ଦିନୀ ସୀତାଛଳେ । ୩ ।
ଯୁଧିଷ୍ଠିର ବୋଲେ ହସ୍ତିନାକୁ ଗଲ ଭୋଜନ କଲ ବିଦୁରଘରେ ।
କୁରୁ ସଭାତଳେ ପାଞ୍ଚାଳୀ ଡାକିଲା କୋଟିବସ୍ତ୍ର ଦେଲ ଅବହେଳେ । ୪ ।
ବନ-ପୋଡ଼କାଳେ ଘୋର-ଦାବନାଳୁ ଉଦ୍ଧାରି ରଖିଲ ବ୍ରଜବାଳେ ।
ଭଣେ ଉପଇନ୍ଦ୍ର କବିକୁଳଚନ୍ଦ୍ର ଶରଣ ମୁଁ ତୁମ୍ଭ ପାଦତଳେ । ୫ ।

ଜୟ ଜଗବନ୍ଧୁ ହେ ଯଦୁନନ୍ଦନ ।
ବ୍ରଜବାଳ ହୃଦତଟ ଚନ୍ଦନ । ଘୋଷା ।

ବଡ଼ ଦେଉଳେ ବିହାର । ବଡ଼ ଚୂଡ଼ା ବଡ଼ ଚୂଳ । କି ଶୋଭା ପାଉଛି କଳା ବଦନ । ୧ । ସେ ଯେଉଁ ଅଳକାପନ୍ତି । ଦେଖି ଭୁଲି ଯିବେ ଯତି । ମୁନିଜନଙ୍କର ମନ ମୋହନ । ୨ । ବଡ଼ ବଡ଼ ଚକା ଆଖି । ବଳଥାର ଭୁଜ ଦେଖି । ତହିଁରେ ରହିଲା ଲାଗି ମୋ ମନ ॥ ସେ ଯେଉଁ ରଙ୍ଗ ଅଧର । ଦନ୍ତ ଦିଶୁଛି ମଧୁର । ଭାଲେ ଗଜମୋତି ଅତି ଶୋଭନ । ୪ । କଟିତଟେ ପାଟ ଝୁମ୍ପା । ଓଢ଼ି ଅଛି ଚନ୍ଦ୍ରକମ୍ପା । କି ଶୋଭା ଦିଶୁଛି ରେଖା ଚନ୍ଦନ । ୫ । ଶ୍ରୀ ଜଗନ୍ନାଥ ଚରଣେ । ମନ ରହୁ ଅନୁକ୍ଷଣେ । ଦୀନକୃଷ୍ଣ ଦାସ କରେ ଜଣାଣ । ୬ ।

ତାଳ—ଖେମଟା ।

ଦୀନବନ୍ଧୁ ଦଇତ୍ୟାରି । ଦୁଃଖ ନ ଗଲା ମୋହରି । ହେଲ କି ନିଷ୍ଠୁର ଛାଡ଼ି ନୀଳାଚଳେ ବିଜେ କରି । ପଦ । ଲକ୍ଷେ ଯୋଜନରେ ଗଜ । ଡାକିଲା ହେ ଦେବରାଜ । ତା ଡାକକୁ ତତ୍‌କ୍ଷଣି ଶୁଣିଛ ଶ୍ରବଣ ଡେରି । ୧ । କୁରୁସଭାଇ ସଭା ତଳେ । ଦ୍ରୌପଦୀ ଅଡଙ୍ଗ କାଟିଲେ । କୋଟି ବସ୍ତ୍ର ଦେଲ ତାଙ୍କେ ଲଜ୍ଜାରୁ କରିଛ ପାରି ॥ ବଳବନ୍ତ ପ୍ରଭୁ ବୋଲି । ବଳେ ମୁଁ ଆଶ୍ରୟ କଲି । ଦେଖୁ ଦେଖୁ ଲୁପ୍ତଗଲ କେ ଏଥିଁ କରିବ ପାରି ॥ ରଖ ବା ନ ରଖ ମୋତେ, ଶରଣ ତୋ ପାଦତଳେ । କହେ ବନମାଳୀ ଗୀତେ ବସିଅଛୁ ଧ୍ୟାନକରି । ୪ ।

—✻—

ତାଳ—ଏକତାଳୀ ।

କାଳା କୃଷ୍ଣ କମଳଆଖି । ତାହାଲେ ନ ଶୁଣ କାହିଁ ପାଇଁକି ।ପଦ। ଶ୍ରୀ ନୀଳକନ୍ଦରେ ବିଜେ କରିଅଛ ମିଛେ ଭଣ୍ଡି ବାଲି ଲୋକୁ ଅଛକି । ଅହଲ୍ୟାତାରଣ କମ୍ବୁ କବାରଣ ବାଳିକି ମାରି ରଖିଲ ସୁଗ୍ରୀବକି ।୧। ମହାବଳବନ୍ତ କଣ୍ଟବ୍ୟାର ସୁତ ଛେଦ ପକାଇଲ ଦଶଶିରକି । ଲକ୍ଷେ ଯୋଜନରେ ଗଜ ଡାକଦେଲା ସେ ଡାକ ଶୁଣିଲ ପଶାଖେଳେ କି । କୁରୁସଭାତଳେ ଦ୍ରୌପଦୀ ଲଜ୍ଜିଲା ତାକୁ କୋଟିବସ୍ତ୍ର ଦେଇଥିଲ କି । ଭାରତଯୁଦ୍ଧରେ ଭରଣୀଅଣ୍ଡା ପକ୍ଷୀ ଘଣ୍ଟ ଘୋଡ଼ାଇଣ ରଖିଥିଲ କି ॥ ଭାରତଯୁଦ୍ଧରେ ଅର୍ଜ୍ଜୁନ ରଥରେ ଆପଣେ ସାରଥି ହୋଇଥିଲ କି । ଭଣଇ ଭରତ ପଦ୍ମପାଦେ ଛାଡ଼ି ମୋ ମନ ରହିବ ନୀଳାଚଳେ କି ॥

—✻—

ତାଳ—ଦକ୍ଷିଣୀ ।

ଆହେ ଚକାଡୋଳା । ଭକ୍ତଙ୍କୁ ବାଛିଛ ଶୂନ୍ୟ ହେଲା ।ପଦ। ଆସୁଥିଲ ଦିଶି ନ ଆସିଲ । ମହାନାଟପରେ ନିମଜ୍ଜିଲି । ଭଲ ସ୍ନେହ ପ୍ରାପ୍ତେ କବାଟ ଲାଗିଛି ତହିଁ ମତ୍ତଗଜ ଗଳିଗଲା । ୧ । ଏକା ଚକେ ରଥ ଚଢ଼ୁଥିଲ । ବେନି ଚକେ ରଥ ନ ଚଳିଲା । ମହାନାଟପରେ ଅନଳ ଜଳୁଛି ତଇଲ ପତଙ୍ଗ ଲିଭିଗଲା । ୨ । ମୂଳ ବାଟଠାରୁ ଚାଲି କଲା । ଷୋଳ ଶୁଣ୍ଡାରେ ବଢିଣଜଳା । ମହାନାଟପରେ ଅମୃତ

ଯୋଗାଡ ଧାଉଁ ଧାଉଁ କ୍ଷିପାଁ ନ ରହିଲା ॥ ବାନ୍ଧ ନ ଥିଲାରୁ ପାଣି ଥିଲା । ବନ୍ଧହେଲା ପାଣି ନ ରହିଲା । ସେ ବନ୍ଧ ହାଣନ୍ତେ ତଳକୁ ଖସନ୍ତେ ଉପରକୁ ପାଣି ବହିଗଲା ।୩। ଗ୍ରୀଷ୍ମ ପାହିଣ ଦିବସ ହେଲା । ରାଜପଥ ଆଉ ନ ଦିଶିଲା । ବେହାଗ କହଇ ସେ ପାଦକୁ ଧ୍ୟାୟି ଅଭି ରସେ ରସ ପାନ କଲା । ୪ ।

—❋—

ତ ଲ ଏକତାଳି—ଆଡ଼ଖେମଟା ।

ମହିମା ଶୁଣିମା ହେଉ ଗରିବ ଡାକ ।

ହରଷ ଜନକୁ ରଖ ପଙ୍କଜମୁଖ । ଘୋଷା ।

କୃପାସାଗର କାହିଁକି, ମୋ ବେଳକୁ ଗଲ ଶୁଖି, ଜାଣିଲ ମୋ କର୍ମ ବାଙ୍କ ନୋହେ ସଲଖ । ୧ । ଆଭଗଂନାଶନବାନା, ନ ଶୁଣ ହୃଦ୍ୟ ବେଦନା, ଏବେ ହୋଇଯିବ ମନା କେ ଦେବ ଡାକ ॥ ଦାସ ଯେବେ ନାଶ ଯିବ, କୀର୍ତ୍ତିରେ ଅକୀର୍ତ୍ତି ହେବ, କୀରତିଚନ୍ଦ୍ରରେ ଲାଗି ଯିବ କଳଙ୍କ । ୩ । କହେ ସ୍ୱପ୍ନାନନ୍ଦ ଛାର, ନାହିଁ ଅନ୍ୟ ପ୍ରତୀକାର, ଏ ହୀନ ଅବସ୍ଥା ମୋର କେଡ଼େ ନ ଦେଖ । ୪ ।

—❋—

ତାଲ—ଏକତାଳି ଆଡ଼ଖେମଟା ।

ଦୁଃଖନାଶନ ଗରୁଡ଼ାସନ ହରି ଦୁଃଖ ଜଣାଇବି କାହାକୁ । ଦୀନନାଥ ଥାଉଁ ଅନାରଯୋଗ୍ୟଛୁ ଏ ନିନ୍ଦା ହୋଇବ କାହାକୁ । ପଦ । ଜନ୍ମାନ୍ଧ ପରେ ବସାଇ କରି, ପେଲିଦେଲ ବୁଡ ଯାଉଛୁ ମରି, କାହାକୁ ଡାକିବ ରଖ ରଖ ବୋଲି ଲଜ୍ଜାହେବ ଲକ୍ଷ୍ମୀନାହାକୁ । ୧ । ସୁଦାମା ଦାରିଦ୍ର୍ୟଭଞ୍ଜନ କରି, ରଖିଛ ପାଣ୍ଡବେ କୁରୁ ସଂହାରି, ଜଳର ଭିତରେ ଗଜକୁ ରଖିଲ ଛେଦି ପକାଇଲ ଗ୍ରାହାକୁ । ୨ । ଅଜାମିଳ ନାମେ ସେ ମହାପାପୀ, ଚାଲିଗଲା ପୁତ୍ର ନାମକୁ ଜପି, ନାରେକ ମାଇଲା ଶ୍ରୀବତ୍ସ ବ୍ରାହ୍ମଣ ହୃଦେ ବହିଅଛୁ ତାହାକୁ । ୩ । ଯେଉଁ ନାମଧରି ପବନସୁତ, ଡେଇଁ ସମୁଦ୍ରୁ ଆଣିଲା ସଙ୍କେତ, ସେ ପାଦେ ଶରଣ କାଶୀ ବିଶ୍ୱେଶ୍ୱର ତୃଷ୍ଣା ନ ପାଇଲେ ଯାହାକୁ । ୪ ।

ରାଗ ଏକତାଳି ।

ଭୁଜବଳେ ମୋତେ ରଖ ମହାବାହୁ, ବାହୁବଳେ ମୋତେ ରଖ ।
ବିପୁଳ ଭୁଜ ବିସ୍ତାରି ଦେଲେ ଛାର କି କରି ପାରିବ ଦୁଃଖ । ପଦ ।
ସଜ ହୋଇଥିବ ନନ୍ଦଘୋଷରଥେ ମୁଁ ଥିବି ତୁମ୍ଭ ସେବାରେ । ତୁମ୍ଭେ
ଦୀନବନ୍ଧୁ ନିର୍ଦ୍ଦୟ ହୋଇଲେ କି ବୋଲିବେ ଏ ସଂସାରେ । ୧ । ଏ
ଗଜରାଜ ସମ୍ପତ୍ତି ନିଭଯଇ ରଭଏଣ୍ଟୁରଇ ନାହିଁ । ଲୁପ୍ତି ଯାଉଅଛୁ
ଏ ଭବସାଗରେ ରକ୍ଷାକର ଗିରିଧାରୀ । ୨ । ଦିନକୁ ଦିନତ ଦୁଃଖ
ଅଧିକେ ସୁଖର ଦର୍ଶନ ନାହିଁ । ଭୁବନମୋହନ ଚନ୍ଦ୍ରାନନକୁ
ଯେତେବେଳେ ଦେଖିବି ମୁହିଁ । ୩ । ମୁଁ ଅତି ପତିତ ଭରସା କରିଛୁ
ପ୍ରଭୁ ଶ୍ରୀ ଚରଣତଳେ । ଶ୍ରୀ ବୀରକେଶରୀ ମହାରାଜା ଭଣେ ଦୟା
କର ମୋତେ ବେଳେ । ୪ ।

ଶରୀରଭେଦ ଭଜନ ।

ରାଗ ଅଡ଼ୁଖେମଟା ।

ଅଭଜନା ଭଜରେ ବାବୁ । ଯେବେ ଭବୁ ତରିବୁ ।
ଦନ୍ତ ଜିହ୍ୱା ଯହିଁ ନ ଲାଗଇ ତାକୁ ଭଜିବୁ । ପଦ ।
ଆଠ ମଠ ଷୋଳ ଘାଟ । ଗୁମ୍ଫାକୁ ଗୋଟିଏ ବାଟ । ଲାଗିଛି ଯୋଡ଼
କବାଟ । ଫେଡ଼ି ପଶିବୁ । ୧ । ନ ପଢ଼ି ପଢ଼ିଲା ପାଠ । ପଢ଼ା ଗୁରୁକୁ
ଅଲଟ । ତ୍ରିଇଧାଡିତଳେ ହାଟ । କିଣି ବିକିବୁ ॥ ଚଉବନବୁବାହାଇ ।

ଅବନା ଶୁଦ୍ଧ ଅକ୍ଷର । ଚନ୍ଦ୍ରବିନ୍ଦ ପରେ ସାର । ଭରଜି ଥିବୁ । ୩ । ନିଃଶବଦରୁ ଶବଦ । ବାଉନ୍ନଣ ଯାଏ ଭେଦ । ବାଉଁ ବିମଣ୍ଡଳ ନାଥ । ଭଲେ ଚିହ୍ନିବୁ ॥ ଓଁକାର ମୂଳ ଅଟଇ । ନିଗମ ସ୍ଥାନଟି ସେହୁ । ଜପ ମନ୍ତ୍ରମାନ ନାହିଁ ମୁଖେ ଭଜିବୁ । ୪ । ଢୋ ଆଗେ କହୁଛୁ ମୁହିଁ । କା ଆଗେ କହିବୁନାହିଁ । ବୋଲେ କାଶୀନାଥ ଦ୍ୱିଜ ବାରେ ଭଜିବୁ ॥

ଢାଳ—ଛପକା ।

ଆରେ ଗୁଖାଖଡ଼ି । ମିଛମାୟାରେ ପଡ଼ି ହେଉ ଲଡ଼ବଡ଼ି । ପଦ । ଚତୁର୍ଥ ବୟସ ହେଲେ ଆସି । ଜନମ ହୋଇବେ ରୋଗରାଶି । କଫ ସନ୍ନିପାତ ଚୁନ୍ଧି ବାତପିତ୍ତ ଭଣ୍ଣି ଶୁଭୁଥିବ ଘଡ଼ଘଡ଼ି । ପିଣ୍ଡରୁ ପରାଣ ଯିବ ଛୁଡ଼ି । ଶମଶାନକୁ ନେବେ ଯୋଷାଡ଼ି । ଜାତି ଭାଇବନ୍ଧୁ କୁଟୁମ୍ବ ସହିତେ କାଠ ଖଞ୍ଜିଦେବେ ବଡ଼ବଡ଼ି ॥ ନେଇ ଥୋଇ ଦେବେ ତହିଁ ପରେ । ଦୟା ନ ବହିବେ ହୃଦୁରରେ । ଜଳମୁହାଁ କରି ହାତ ଗୋଡ଼ ପୁଣି ଭାଙ୍ଗିଦେବେ ଧରି ମଡ଼ମଡ଼ି ॥ ଦଶମ ଦିନରେ ଦଶଘର । ଏଗାର ଦିନରେ ଷୋଡ଼ଶର । ତେର ଦିନେ ଅନ୍ନ ବ୍ୟଞ୍ଜନ କ୍ଷୀରସାଁ ବସି ଖାଉଥିବେ ସଡ଼ସଡ଼ି । ୪ । କହେ ଗଦାଧର ହେତୁକର । ଖୋଜ ସାଧୁସଙ୍ଗରେ ବିହର । ଯେବେ ଏ ସଂସାରୁ ତରିଯିବୁ ମନ କୃଷ୍ଣ ପାଦପଦ୍ମେ ପଡ଼ିପଡ଼ି । ୫ ।

ଢାଳ—ଯତି ।

ବାଇମନ ହୋ ବସି ହଂସକୁ ଖେଳା । ହଂସ ଉଡ଼ିଗଲେ ଲୁଡ଼ିବ ବେଳା । ପଦ । ପୋଖରୀ ଗୋଟିକ ଶୃଙ୍ଗାରେ ରସ । ଉମ୍ଭ ଛାଡ଼ିଗଲା ଅଣ୍ଡିରା ହଂସ । ୧ । ଶୁଖିଲ ପୋଖରୀ ମାରେ ଲହଡ଼ୀ । ଉମ୍ଭ ଅଛୁ ଛୁଆ ଗଲାଣି ଉଡ଼ି । ୨ । ଉମ୍ଭ ଗୋଟିକେ ତନି ଛୁଆ । ସୁଜ୍ଞାନୀ ହୋଇଲେ କହିବୁ ଏହା । ୩ । ସର୍ପକୁ ମଣ୍ଡୁକୀ କରୁଛି ଖେଳ । ପୃଥ୍ୱୀବୃକ୍ଷେ ଅଛି ମନ୍ଦାରଫୁଲ । ୪ । ଏକ ଦେଉଳରେ ଦଶ କବାଟ ।

କେଉଁ ଠାରେ ଅଛୁ କଳପବୃକ୍ଷ । ୫ । ଗୀତ ପାଞ୍ଚପଦ ଅର୍ଥ ବସ୍ତୁତ ।
ଭାବରେ ଭଣିଲେ ଦୀନ ଅଚ୍ୟୁତ । ୬ ।

—✱—

ତାଳ ଯତି ।

ଜାଣି ହୋ କହ ବିଷମସନ୍ଧି । କେଉଁ କମଳରେ ଭ୍ରମର ବନ୍ଦି । ପଦ ।
କାଳନ୍ଦୀହ୍ରଦରେ ପାଞ୍ଚୁଁ ଆବସା । ଯେଠାରେ ସିଂହକୁ ଗିଳୁଛି ଶଶା ।
ହସ୍ତୀ ମଣ୍ଡୁକରେ ଲାଗିଛୁ ଯୁଦ୍ଧ । କମଳେ ଫୁଟିଛୁ ଯେ କୋକନଦ ।
ଦେଉଳ ରହିଲା ନେଉଳ ତୁଣ୍ଡେ । ଶାଳଭି ରହିଲା ଈଶ୍ୱର ମୁଣ୍ଡେ ॥
ଶୂନ୍ୟ ମଣ୍ଡପରେ ବାଜୁଛି ବୀଣା । କେଉଁ ଠାରେ ଅଛୁ ଗୋପପାଟଣା ॥
କହଇ ଗୋରଖ ଶୁଣରେ ଭାଇ । ସଦଗୁରୁ ସେବା କଲେ ତା ପାଇ ॥

—✱—

ତାଳ—ଅଠତାଳି ଯତି ।

ରାଧେକୃଷ୍ଣ ରାଧେକୃଷ୍ଣ ରାଧେକୃଷ୍ଣ ରଟ ରେ ।
କେତେଦିନ ରହିବ ତୋ ମାଟିପିଣ୍ଡ ଘଟରେ । ପଦ ।

ଧନ ଦାରା ସୁତ ଦେଖି ମନକରୁ ମୋଟ ରେ । ମୋର ମୋର ହୋଇ
ଛାଡୁଅଛୁ ଧର୍ମବାଟ ରେ ।୧। ଯମୁନାତଟ ନିକଟ ଅଟେ ବଂଶୀବଟ ରେ ।
ତ୍ରିଭଙ୍ଗ ଭଙ୍ଗିମାଛନ୍ଦେ ତହିଁ ନଟବଟ ରେ ।୨। ହରେକୃଷ୍ଣ ମହା-
ମନ୍ତ୍ର ଅନୁକ୍ଷଣେ ରଟ ହେ । ରାମ ନାମ ଖଣ୍ଡା କରି ପାପ ତାପ କାଟ
ରେ ॥ ଭବେ ଭାଗବତ ବାଣୀ ଶୁଣ କର୍ଣ୍ଣପୁଟେ ରେ । ଭାବରେ
ଭଣିଲେ ଏହା ଅବଧୂତଭଟ୍ଟ ରେ । ୪ ।

—✱—

ତାଳ ଖେମଟା ।

ଭୁଲମନ ଭୁଲୁ କାହିଁକି । ମରିଯିବୁ ବୋଲି ଜାଣୁ ନାହିଁକି । ପିଣ୍ଡୁ
ଯେତେବେଳେ ପ୍ରାଣ ଛାଡିଯିବ ପୋଡିଯିବେ ତୋତେ ମଡା ବୋଲି କି ।
ପଦ । ମାତା ଗର୍ଭେ ଥିଲୁ ତୁହି ଯେତେବେଳେ ସତ୍ୟ କରିଥିଲୁ ଯାହା
ପାଇଁକି । ଶୂନ୍ୟପୁରୁ ଆସି ନରଲୋକେ ମିଶି ସତ ଶାନ୍ତି ଦୟା ମନେ
ନାହିଁକି ।୧। ନାମକୁ ହେଜ ତୁ ଚିତ୍ତରୁ ରାଜ ସେ ନାମ ଧାରଣାରେ

କହୁଛୁ ଭାଇ । ମିଳିଣ ସବୁର ନେବେ ତୁଳପର ତୋ ଗଳାରେ ଦେଇ ଦଉଡ଼ିଟିଏ ॥ ନାନାତୀର୍ଥବ୍ରତ କରୁଥାଉ ମନ ସଂସାରଲୋକଙ୍କର ଦେଖା ଦେଖି । ବନ୍ଧ ଛଡା ବନ୍ଧ ଥାଳ ମାଳ ସବୁ ଉଦର ଭମନ୍ତରେ ଠକାଠକ ॥ ପଡ଼ି ଏ ଭବରେ ଦଦଭୀନାବରେ କାହିଁକି ହେଉଛୁଁ ନ ଝିଙ୍କାଝିଙ୍କି । ଛୁଟିବ ଅଖିଳ ବୁଡ଼ିଯିବ ନାବ ଦାସ ବୃନ୍ଦାବନ କହେ ହରି ॥

ରାଗ ଏକତାଳି ।

ମନ ନ ରେଖିଲୁ । ମାୟା ଜଞ୍ଜାଳେ ଭରଚି ମୋହ ହେଲାପଦା ମାତା ଗର୍ଭେ ଥିବା କାଳେ । ଯାକୁ ଧ୍ୟାଉଥାଉ ହେଲେ । ଏବେ ପଡି ମୋହଜାଲେ ସେ ନାମକୁ ପାଶୋରିଲୁ । ୧ । ସ୍ୱପନ ପ୍ରାୟ ସମସ୍ତ, ଅଟଇରେ ମୂଢ଼ଚିତ୍ତ । ଏକା ହରି ନାମକୁ ତ ଏବେନୁଆଶ୍ରେ ନ କଲୁ । ୨ । ଖଳ ଗର୍ବ ଅହଙ୍କାର, ବନ୍ଧୁଅଛୁ ନିରନ୍ତର । ସେ ବୈକୁଣ୍ଠନାଥଙ୍କର ନାମ ଭଲେ ନ କହିଲୁ । ୩ । ଦୀନ ବେଣୁଧର ବୋଲେ କରୁ ଚଢ଼ିବାକୁ ଭଲେ । ଗୁରୁ ଯା ଆଦେଶ ଦେଲେ ସେ କଥାକୁ ଫିଙ୍ଗିଦେଲୁ ।

ରାଗ ଝୁଲା ।

ମୂଢ଼ମନ ଦୃଢ଼ କରି ବୋଲ ମହାମନ୍ତ୍ର ଘୋଷ । କୁଡ଼କୁଡ଼ ପାପ ତୋର ବୁଡ଼ି ପଡ଼ି ହେବ ନାଶ । ଘୋଷ । କୁଡ଼କୁଡ଼ କୃଷ୍ଣ କଥାରେ ପଡ଼ିଲା ପାପ ପନ୍ଥାରେ । ଛୁଡ଼ିଲା ନାମ କଥାରେ, ଛାଡ଼ ମାୟା ମୋହ ପାଶ । ୧ । ଲଡ଼ ସମନ ସଙ୍ଗରେ, କର ସାଧୁ ସୁସଙ୍ଗରେ । ବାହ୍ୟପଣ ଗାଢ଼ କରି ନ ରଖ ନିଶି ଦିବସ । ୨ । ପଢ଼ ନିତି ଭାଗବତ, ମୂଢ଼ ପରି ଝିଙ୍କି ବେତ, କାହ୍ନ ବୋଇବେ ସମସ୍ତ, ଦାଢ଼ ଖଣ୍ଡେ ଥିଲେ ବାସ ॥ ଲୋଡ଼ ମୁକ୍ତିର ପଥକୁ, ଚଢ଼ ପୁଷ୍ପକରଥକୁ, ଜଡ଼ ବୁଦ୍ଧିକି ଅଙ୍ଗକୁ ଛାଡ଼ ବେଣୁଧର ଭାଷ । ୪ ।

ରାଗ—ଖେମଟା ।

ବନ୍ଧୁଙ୍କୁ ମୋ କହିବୁ ଯାଇ, କିଆ କଇଁ ଫୁଲ ଦେବ ଅଣାଇ । ପଦ ।
ପଞ୍ଚାଶ ମୂଲିଆ ସଙ୍ଗେ ଯୋଗୀଣ ବନ୍ଧ ବନ୍ଧାଇଲେ ବହଳ ଦେଇ ।
ଅଣଚାଶ ବନ୍ଧ ବାନ୍ଧିଲା ବେଳକୁ ଶୂନ୍ୟରେ ଲହଡି ମାରିଲା ନେଇ ॥
ପଚାଶ ମୂଲିଆ ତହିଁ ଜାଣିଥିଲା ଗ୍ରନ୍ଥ ଦଶ ଭଦ୍ରା ଛାଡ଼ିଲି ନାହିଁ ।
କାଳନ୍ଦୀ ହ୍ରଦ ଯେ ତରଙ୍ଗିଣି ଶେଷଙ୍କୁ ପଡିଆ ତୁଟିଲା ବାରଣ ନାହିଁ ॥
ବାସ୍ତବ ହାତ ଯେ ଜଳର ଗଭୀର କାଳନ୍ଦୀହ୍ରଦରେ ଫୁଟିଛି କଇଁ ।
ଷଏ ଷାଠିଏ ପାଖୁଡ଼ା ଲାଗିଅଛି ନାଗୁଣି ତହିଁରେ ଖେଳ ଖେଳଇ ॥
କଇଁ ଫୁଲଠାରେ ଏମନ୍ତ ପୀରତି ଦେଖିଲେ ମୋ ମନ ଛାଡ଼ଇ ନାହିଁ ।
ଦତ୍ତ ଭଗବାନ ମାଗୁଛି ଶରଣ ଆଉ ଅନ୍ୟଫୁଲେ କାରଣ ନାହିଁ ॥

—✲—

ରାଗ—ଖେମଟା ।

ମୋହ ମାୟା ଧନ୍ଦେ ପଡି ନ ହରେ ବଣା । ଛାଡିଛେପାଠେଣା ପରେ କର ଭାବନା । ଘୋଷା । ଏକ ନଦୀ ଶତ ଧାର, ନାମ ହୋଇଛି ବେଗର, ତହିଁ ମଧ୍ୟେ ହଂସ ପୁଣି କରିଛି ଠଣା । ୧ । ସେ ନଦୀରେ ଦୀପଦଣ୍ଡୀ, ତହିଁ ଅମାରକା ରଣ୍ଡୀ । ସେ ରଣ୍ଡୀର ଉଦ୍ଧ୍ୱେ ହଂସ ଶୂନ୍ୟେ ଗମନା । ୨ । ସତ ରଜ ତମ ଗୁଣ, ଯୋଗ ଏ କାୟା ଘଟନ । ଅନାହତ ଧ୍ୱନି ଜ୍ଞାନ କର ଚେତନା । ୩ । କହେ ଅରକ୍ଷିତ ଦାସ, ଅନନ୍ତ ଗୁମ୍ଫାରେ ବାସ । ତହିଁ ବସି କର ନାମବ୍ରହ୍ମ ଭଜନା । ୪ ।

—✲—

ବହୁଛି ଅବନା ବାଇ । ଦିବା ରାତି ଏକ ହୋଇ । କେ ପାଇବ ଅନ୍ତ୍ୟ ଅନ୍ତ ଚାହିଁ ରଖିଅଛି କାହିଁ । ଘୋଷା । କାମନା କଳ୍ପନା ଦ୍ୱାରେ ନ ମିଶେ ତେଜ ପାଖରେ । ତାକୁ କେ କହିବ ଠାବ ଯାର ନାହିଁ ହୋଇ ଛଇ । ୧ । ନ ମିଶେ ଶବ୍ଦ ଆକାରେ । ଏକୋଇଶ ପୁର ବାରେ । ସାଦି ବ୍ରହ୍ମ ଏକ ପଦ ରହିଥିବ ଗୁପ୍ତ ହୋଇ । ୨ । ସ୍ଥିତି ବସ୍ତିରେ ନ ଥିଲା, କେଉଁ ଭିତରେ ରହିଲା । ତାଙ୍କୁ ଯେ ଭେଟାଇ

ଦେବ ତା ପାଦ ଧରିବି ଯାଇଁ । ୩ । ନ ଯେବେ ସେବା ଭକତି, ପ୍ରସନ୍ନ ଭଜନ ନାସ୍ତି । କହେ ଶ୍ରୀମ ଅରକ୍ଷିତ ଅନାମେ ରହିଲା ଯାଇଁ ॥

—✻—

ଚାଲି—ଯତି ।

ପ୍ରିୟ ସଜନୀ ଗୋ ଯାହା ମୁଁ ଦେଖିଲି ଆଜ । କହିଲା ଲୋକର ମନକୁ ନ ଆସେ ଶୁଣିଲା ଲୋକକୁ ଲାଜ । ପଦ । ପୁରୁଷ ହୋଇଣ ଅଣ୍ଡ ଚାର ନାହିଁ ସ୍ତ୍ରିରି ହୋଇ ନାହିଁ ଯୋନି । ଅଟହରଷରେ ଗର୍ଭବାସ ରହୁଛି ନାହିଁ ଦିବସ ରଜନୀ । ୧ । ଅଣ୍ଟ ବରଷରେ ଗର୍ଭବାସ ଅନ୍ତରେ ରଜ ବୀର୍ଯ୍ୟ ଯହିଁ ନାହିଁ । କିଛୁଦିନ ପରେ ପୁତ୍ର ଜନ୍ମହେଲା କାନ୍ଦେ କୁଆଁ କୁଆଁ ହୋଇ । ୨ । ସ୍ତନ ନାହିଁ ପୁତ୍ର କ୍ଷୀର ଖାଉଅଛି ଭାଷା ଭାଷେ ନାହିଁ ମୁଖ । କେଉଁଠାରେ ରହି ହାଟ ବସାଇଛି କାହିଁରେ ହୋଇଛି ଗୋପ୍ୟ । ୩ । ନେତ୍ର ନାହିଁ ତ୍ରିଭୁବନ ଦେଖୁଅଛି ଜିହ୍ୱା ନାହିଁ ସ୍ୱାଦୁ ମଣେ । ନାସା ନାହିଁ ସବୁ ବାସନା ଘେନୁଛି କର୍ଣ୍ଣ ନାହିଁ ସବୁ ଶୁଣେ । ୪ । ସୁଜନମାନଙ୍କ ଚରଣ ସେବିଣ ଧରି ପଚାରୁଛି ମୁହିଁ । ଗୀତ ଗୂଢ଼ପଦ ଅର୍ଥ କରିଦେବ ଭଣେ ଗୋରେଖ ଗୋସାଇଁ । ୫ ।

—✻—

ଆଡ଼ଚାଲି ।

ମନ କହୁଛି ରେ ହରିର ରାମ ନାମ ଘୋଷ । ନାମଠାରୁ ବଳି ପରମ ପଦାର୍ଥ ଏ ସଂସାରେ ଅଛି କିସ । ପଦ । ପାନ କର କାନମୁଖେ ଭରି ଭରି ଅମୂଲ୍ୟ ପିୟୂଷ ରସ । ଅମରଙ୍କ ସଙ୍ଗେ ଅମର ହୋଇବୁ ବଇକୁଣ୍ଠେ ହେବ ବାସ । ୧ । ପୁତ୍ର ଦାରା ଧନ ମୋହରି ମୋହରି ବୋଲୁଛୁ ମୂଢ଼ ମାନସ । କେ ନୋହେ ତୋହରି ମିଛ ମାୟା ହରି କରି ଅଛନ୍ତି ପ୍ରକାଶ । ୨ । ବିଷୟ ବିଷରେ ଘାରି ହେଉଅଛୁ ବୃଥା ରଜନୀ ଦିବସ । କୁମ୍ଭୀପାକେ ପଡ଼ି ଘାଣ୍ଟି ହେଲା ବେଳେ ଯମକୁ ହେବ କି ଦୋଷ । ୩ । ନାମକୁ କର ତୁ ପଥକୁ ସଙ୍ଗାଳି ବଢ଼ିଆ ସାଧୁସଙ୍ଗ ବସ । ବେଣୁଧର ପଟ୍ଟନାୟକ କହଇ ଅଙ୍ଗରୁ କଳୁଷ ନାଶ । ୪ ।

—○—

ତାଳ—ଝୁଲା ।

ରେ ମନୁଆ ତୁ କି ହୋଇଗଲୁ ବାଇ । ନ ଡାକିଲୁ ଯାହା ଶ୍ରୀହରି ନାମକୁ ବିଷୟ ଗଞ୍ଜାଇ ଖାଇ । ଘୋଷା । ଆସିଅଛୁ ଏକା ଯିବୁ ପୁଣି ଏକା ତୋ ସଙ୍ଗେ ନ ଯିବେ କେହି । ଏ ମାୟା ଜଞ୍ଜାଳ ଜାଲେ ପଡ଼ି ଯାହା ଛଟପଟ ହେଉ ତୁହି । ୧ । ମାଟିଘର ଗୋଟି ମାଟିରେ ମିଶିବ ଅଗ୍ନିରେ ଦେବଟି ଦହି । କେତେଧନ ପାଇଁ ମିଛେ ଲୋଭ କରୁ କିସ ନେବୁ ବୋଲି ବହି । ୨ । ନ ଖାଇ ନ ପିଇ ଏ ସର୍ବ ପଦାର୍ଥ ସଞ୍ଚୁ ଅଛୁ କାହାପାଇଁ । କର ତୀର୍ଥ ବ୍ରତ ଅଭ୍ୟାଗତେ ଦତ୍ତ ପିଣ୍ଡକୁ କାରଣ ସେହି । ୩ । ମିଛେ ଅହଙ୍କାର କରି ମୂଢ଼ମନ ବୃଥା କରୁଛୁ ବଢ଼ାଇ । କହେ ବେଣୁଧର ଯମ ଯାତନାରେ ସାହା କେ ହୋଇବ ତହିଁ । ୪ ।

—❋—

ତାଳ—ଝୁଲା ।

ରେ ଅବୁଝା ମନ, ବୁଝୁନାହୁଁ ତୁ କାହିଁପାଇଁ । ଦେଖି ଦେଖି ଶୁଣି ଶୁଣି ମାୟାମୋହେ ପଡ଼ି ହେଲୁ କଣ୍ଢେଇ ବାଇ ରେ । ପଦ । ଏ ଅଟେ ମିଥ୍ୟା ସଂସାର, କେହି ନୁହଇ କାହାର, ଏକା ହରି ନାମ ସାର ପଥକୁ ସଙ୍ଗାଳି ସେହି ରେ । ୧ । ସ୍ୱପନ ସମ୍ପତ୍ତି ସବୁ, ଗଲା-ବେଳେ କିସ ନେବୁ, ଆସିଅଛୁ ଏକା ପୁଣି ଯିବୁ ଏକା ହୋଇ ରେ ॥ କେତେଧନକୁ ଏ ଆଶ୍ଚ, ପଣ କରି ଲଭୁ କଷ୍ଟ, ଯମଯାତନାକୁ ଡୋର ଭଲେ ଭାଇ ଦିବା ନାହିଁ ରେ ॥ ପଦ୍ମପତ୍ରେ ଯେସନେ ନୀର, ଏ ଜୀବ ସେହି ପ୍ରକାର, ଘଟ ଛାଡ଼ି ଗଲାବେଳେ, ନ ଦେଖିବେ କେହି ରେ ॥ କହେ ଦୀନ ବେଣୁଧର, ବେନ୍ତୁ ନାମ ଆଶ୍ରେ କର, ବୈକୁଣ୍ଠପୁରେ ବସିବୁ କଲ୍ପଦ୍ରୁମେ ଯାଇଁ ରେ, ଅବୁଝା ମନ । ୨ ।

—❋—

ଏକତାଳି ।

ଅରେ ମନ ବାଇ । କେତେ ଧନପାଇଁ କରୁ ଏ ବଢ଼ାଇ ଘୋଷା । ଜନ୍ମ ଜନ୍ମରେ ହରେନାମ । ପଶି ନ ପାରିବ କାଳ-

ଯମ । ବୃଥାରେ ମାୟା ଜଞ୍ଜାଳେ ପଡିକରି ଅଜ୍ଞାନ ପଥରେ ନୁହ
ଭ୍ରମ । ୧ । ଏ ଭବସାଗରୁ ତରିବାକୁ । ଆଶ୍ରେକର ନାମ ନଉକାକୁ ।
ସେ ବିନା ଆଉ ତ ଅରେ ମୂଢଚିତ୍ତ ଅଛି କେଉଁ ଗତି ଲଭିବାକୁ । ୨ ।
ବିଷୟ ବିଷରେ ନୁହ ଘାରି । ମୁଖେ ବୋଲୁଥାଅ ରାମହରି । ଅନ୍ତଃ-
କାଳେ ଗତି ମୁକ୍ତି ପାଇବୁ ସୁଖେ ଚଢ଼ି ଯିବୁ ସ୍ୱର୍ଗପୁରୀ । ୩ । କହେ
କବିରତ୍ନ ଦୀନହୀନ । ଭାଇ ବନ୍ଧୁ ପୁତ୍ର ଦାରା ଧନ । କାହିଁ କିଛି ନାହିଁ
ମିଛମାୟା ସେହି ନାମାମୃତରସ କର ପାନ । ୪ ।

—✻—

ତାଳ ଝଂଲା ।

ମନରେ । ଭାବଗ୍ରାହୀଙ୍କି ଭାବ । ଦୟାମୟ ପୂର୍ଣ୍ଣବ୍ରହ୍ମ ମାଧବ । ପର
ହୋଇ ନିର୍ଗୁଣ ଅରୂପ, ଗୁଣେ ପ୍ରକାଶଇ ରୂପ । ଦାସ ବତ୍ସଳ
ବୋଲନ୍ତି ଶ୍ରୀ ରଘୁନାଥ ରାଘବ । ୧ । ଭକତଙ୍କ ଭାବେ ଭୋଳ,
ବିଜୟ ଶ୍ରୀ ନୀଳାଚଳ । ଯାହାର ମହିମା ବଳେ ଦାରୁ ହୋଇଯାଏ
ଦ୍ରବ । ୨ । ଅଶେଷ ବ୍ରହ୍ମାଣ୍ଡନାଥ, ପ୍ରଭୁ ଶଙ୍ଖଚକ୍ର ହାତ । ସେ
ପଦ୍ମରେ ଲଭେ ଚନ୍ଦ୍ରାସ୍ତ୍ର ତୋ ଜାଡ଼ି ସ୍ୱଭାବ । ୩ । କହେ ବୈଷ୍ଣ-
ବର ଦୀନ, ଅଟେ ମୁଁ କରମ ହୀନ । ଧ୍ୟାନକରି ନପାରିଲି ଯେଣୁ
ରାମନାମ ଲବ । ୪ ।

—✻—

ତାଳ ଆଡ଼ା ।

ଭଜମନ ଗୋବିନ୍ଦ ହରେ । ନ ପଡ଼ ଏ ମିଥ୍ୟା ମାୟା ମୋହରେ ।
ଘୋଷା । କ୍ଷୟ ହୋଇଯିବ ଯେତେ ପାପ କରିଅଛୁ ମୂଢ଼ମନ ତୋର
ଦେହରେ । ସାଧୁସଙ୍ଗ କରିଥାଅ ଯିବୁ ତରି ନପଡ଼ିବୁ ଯମଦଣ୍ଡ
ଭୟରେ । ୧ । ନାମଠାରୁ ବଳି ପରମ ପଦାର୍ଥ ଅଛି କି ସଂସାରେ କର
ଲୟରେ । ବୁଝାଇ କହୁଛି କାହିଁ ନାହିଁ କିଛି ରାମନାମ ରଖ ତୋ
ହୃଦୟରେ । ୨ । ଯମଦୂତେ ଯେତେବେଳେ ଘେରିଯିବେ କହିବୁ
କହରୁ କି ଉପାୟରେ । ଯେବେ ଏତେବେଳୁ ଆଶ୍ରେ ନକରିବୁ
ଦୀନବନ୍ଧୁ କୃପାସିନ୍ଧୁ ପଦ୍ମରେ । ୩ । ମାୟାମୋହ ଅହଙ୍କାର ଛାଡ଼ି

ହରେକୃଷ୍ଣ ରାମନାମ ନାଅ ଅଯୂରେ । ବେଣୁଧର ପଟ୍ଟନାୟକ କହଇ
ସ୍ୱର୍ଗେ ଚଳିଯିବୁ ତୁ ନିର୍ଭୟରେ । ୪ ।

—✻—

ଚାଲ ଝୁଲା ।

ମୂଢ଼ ମାନସରେ ! ତୁ କେତେ ଅବୁଝା ହେଲୁ ! ବୁଝାଇ କହିଲି ଯେତେ ବାରମ୍ବାର ଭଲେ ହେଲେ ନ ବୁଝିଲୁ । ପଦ । ଧନ୍ଧ ହେଉ-ଅଛୁ ମାୟା ବନ୍ଧରେ ତୁ ଶ୍ରୀହରିଙ୍କି ନଭଜିଲୁ ।୧। ବୃଥା ଲୋଭେ ପଞ୍ଚ ପୁତ୍ର ଦାରା ଧନ ମୋହରି ମୋହରି ବୋଲୁ ।୨। କର୍ଣ୍ଣଗୁରୁଦେବ ପରା ମହାମନ୍ତ୍ର କର୍ଣ୍ଣେ କହିଲେ ପଢ଼ିଲୁ ।୩। ସେ ଆଜ୍ଞା ଅବଜ୍ଞା କରି କାହିଁପାଇଁ ଏବେ ତା ପାଶୋରିଦେଲୁ । ୪ । ମିଥ୍ୟାବାଦୀହୋଇ ରାଗ ହିଂସା କରି ଅନ୍ତରେ ଦାଗିହେଲୁ । ୫ । କହେ ବେଣୁଧର ଜନ୍ମକାଳେ ପରା କାହିଁ ବୋଲି ବୋଲୁଥିଲୁ । ୬ ।

—✻—

ଚାଲ ଝୁଲା ।

ରେ ମନ ! ଶୁଣ ବିଶ୍ୱ ବିଧାନ । ମହାଶୂନ୍ୟ ପରେ ଜ୍ୟୋତି ଜଳୁଅଛୁ ବିଜେ ତହିଁ ଭଗବାନ ରେ । ଘୋଷା । ହାଡ ନାଡ ଛାଇ, ଶିରା ଗଣ୍ଠି ଦେଇ ସପ୍ତଧାତୁ ଆବରଣ । ତହିଁ ମଧ୍ୟେ ବାତ କରେ ଗତା-ଯାତ ଯାନାମ ଅଟେ ପରାଣରେ । ୧ । ଉଜାଣି ବହୁଛି ବାୟୁ ନୁହେ କିଛି ତହିଁରୁ ଜାତ ଜୀବନ । ନଗଲେ ସେପଥେ ବିକାରରେ ହେଲେ ଶରୀର ହେବ ପତନରେ ॥ ବାୟୁ ମଣ୍ଡଳର ଶେଷର ଉପର ଶୂନ୍ୟ ପାଟଣା ମଣ୍ଡଳ । ମୃଣାଳ ସୂତ୍ରର ଶତାଂଶ ବିସ୍ତର ବାଟେକି ବିରାଜମାନ । ୩ ! ଅନ୍ଧକାର ପୁର ମହାଶୂନ୍ୟପର ଅଟେ ଯେ ଅନନ୍ତ ମାନ । ତହିଁପରେ ଜ୍ୟୋତି ଅଜ୍ୟୋତିରେ ସ୍ଥିତି ଥରେ ତୁ କର ଗମନ ॥ ଦେଖିବୁ ତୋ କାନ୍ତ ବିଜୟ ଏକାନ୍ତ ହେଉପାଦ ଦରଶନ । ଭକ୍ତି-ଭକ୍ତ ହୀନ ଯେବେ ଦରଶନ ପାଏ ତେବେ ଜନ୍ମ ଧନ୍ୟ । ୪ ।

—✻—

ତାଳ—ଏକତାଳି ।

ହର ମୋ ଆରତ ହେ ରଘୁନାଥ, ସୀତାକାନ୍ତ । ନବ ଦୂର୍ବାଦଳ ବରନ ସୁଶୋଭିତ ଶରଣ ରକ୍ଷଣ ଦଶରଥ ସୁତ ହେ । ଘୋଷା । ନମସ୍ତେ ଦାଶରଥି, ନବଲାବଣ୍ୟ ମୂର୍ତ୍ତି, ଘେନ ମୋର ବିନତି, ଆହେ ରଘୁପତି, ଦଶକଣ୍ଠ ଅରାତି ହେ ଦଣ୍ଡଧାରୀ ଜଗତ ଜୀବନ ଭକତଙ୍କ ଗତି ହେ । ୧ । ଶତଦଳ ଲୋଚନ, ଭବଭୟ ମୋଚନ, ତାରକ ଜନାର୍ଦ୍ଦନ ଦୁଃଖ ବିମର୍ଦ୍ଦନ । ଅର୍କବଂଶମଣ୍ଡନ ଚାପ ଖଣ୍ଡନ ଜନକ ନନ୍ଦିନୀ ଚିତ୍ତ ବିମୋହିତ ହେ । ୨ । ସୌମିତ୍ରେୟ ଅଗ୍ରଜ, ଅଯୋଧ୍ୟା ଯୁବରାଜ, ନବଘନ ଦୁର୍ଗରାଜ, ଧନୀ ମଧ୍ୟେ ବିରାଜ, ଓଡ଼ଗ୍ରାମେ ବିଖ୍ୟାତ ଶ୍ରୀ ରଘୁନାଥ ତବ ଶ୍ରୀଚରଣେ ବେଣୁଧର ରତ ହେ । ୩ ।

—✱—

ତାଳ—ଆଠତାଳି ।

ହେ ଦଇତ୍ୟାରି । ଘୋର ଭବାର୍ଣ୍ଣବରୁଁ କର ମୋତେ ପାରି ହେ । ମାୟା ମୋହ ଜଡ଼ି ପାଶ, ଜ୍ଞାନ ଖଡ଼୍ଗରେ ନାଶ, ଶ୍ରୀପଦେ କରିଛୁ ଆଶ, ଏ ଅଧମ ଦୀନ ଦାସ, ଏ ସଂସାରୁ କେବେ ଯିବି ତରି ହେ ॥ ଖଳଜନ ସଙ୍ଗ ମୋର, ଛଡ଼ାଅ ହେ ଚକ୍ରଧର, ସନ୍ଥଜନେ ବାରବାର, କରି ଯାଉ ପ୍ରାଣ କର ଯୋଡି ମାଗେ, ଗୋଲକ ବିହାରି ହେ । ୨ । ତବ ନାମ ମନୁ ଭଲେ, ପାଶୋର ନ ହେଉ ହେଲେ । ତବ ରୂପ ସଦାକାଳେ, ଦେଖୁଥିବି ବେନି ଡୋଳେ, ଦିନଯାଉ, ତବ ନାମ ଧରି ହେ । ୩ । କର ଏହି ଅନୁଗ୍ରହ, ଏ ଭୃତ୍ୟେ ନୁହ ନିର୍ଦ୍ଦୟ, ତବ ଶ୍ରୀପଦରେ ଲୟ, ଥାଉ ହେ କରୁଣାମୟ, ବେଣୁଧର, କରୁଛି ଗୁହାରି ହେ । ୪ ।

—୦—

ତାଳ—ଏକତାଳି ।

ଅହେ ମହାବାହୁ । ଭାସିଗଲି ଭବ ଜଳେ ମୁହିଁ ମୁହିଁ । ଘୋଷା । ଭକତବତ୍ସଳ ଭବଗ୍ରାହୀ, ପାରିକର କୃପାନାବ ଦେଇ, ଏ ଘୋର ସଙ୍କଟ ଗମ୍ଭୀର ସାଗରୁ କେ ରକ୍ଷା କରିବ ତୁମ୍ଭେ ଥାଉଁ । ୧ । ଶରଣ

କଲ ବିଦାରଣ । ସ୍ୱର୍ଗେ ଇନ୍ଦ୍ରପଦ ଦେଇ ଫେଡିଅଛ ତା କଷଣ । ୪।
ସାବତ ଜନନୀ ଛଳେ ଧ୍ରୁବ ଚିନ୍ତା କରନ୍ତେଣ । ଶୂନ୍ୟ ମଣ୍ଡଳରେ
ତାକୁ ପ୍ରଭୁ ଦେଲ ଦିବ୍ୟସ୍ଥାନ ।୫। ଅଜାମିଳ ନାମେ ଥିଲା ମହା
ପାତକୀ ବ୍ରାହ୍ମଣ । ଅନ୍ତଃକାଳେ ତବନାମ ଧରି ଗଲା ସ୍ୱର୍ଗସ୍ଥାନ । ୬ ।
ସୁଦାମା ଦାରିଦ୍ର ଦ୍ୱିଜ ତଣ୍ଡୁଲ ଦେ ନାରାୟଣ । ଐଶ୍ୱର୍ଯ୍ୟ ସମ୍ପଦ
ତାକୁ କରି ଦେଲ ପୂର୍ଣ୍ଣପୂର୍ଣ୍ଣ । ୭ । ସୁଗ୍ରୀ ସଙ୍ଗେ ମିତ୍ର ହୋଇ ବାଳି
ବଧିଲ ଆପଣ । କିଷ୍କିନ୍ଧ୍ୟାରେ ରାଜା କରାଇଲ ତାକୁ ତତକ୍ଷଣ । ୮ ।
ଲଙ୍କାଗଡରେ ଶରଣ ପଶିଲାକ ବିଭୀଷଣ । ଭୁଞ୍ଜିଲା ଲଙ୍କ ବିଭବ
ପ୍ରଭୁ ତବ ପ୍ରସାଦେଣ ।୯। ମୁଁ ଅଧମ ମୂଢ଼ ମତି ପ୍ରଭୁ ତୁମ୍ଭେ କି ନଜାଣ ।
ବିରୁନାହିଁ ଯେଣୁ ସବୁଁ ଅଛ ବେଣୁଧର ତ୍ରାଣ । ୧୦ ।

ତାଳ—ଏକତାଳି ।

ହରି ସନ୍ଧ୍ୟାଗଲ ପାରି କରି ଦିଅ ଏଥର । ମୋ ଆରତ ଶୁଣି ଶୁଭ
କଲଣିକି ପଥର । ଘୋଷା । ଆହେ ଶଙ୍ଖ ଚକ୍ରଧାରି, ଶୁଣିନାହିଁ କା
ଗୁହାରି, ମୋ ବେଳକୁ ନୀଳଗିରିବାସୀ କିମ୍ପାଁ କାତର । ୧ । ହରିଣୀ
ଆବର କରି, ପାଣ୍ଡବଙ୍କ ମନୋହାରି । ସହିଚେ କାହାକୁ ତାରି-
ନାହିଁ କି ହେ ଶ୍ରୀଧର । ୨ । ମନ୍ଦ ମୋ ଭଣ୍ଡାର ଏବେ, ଖାଲି ହୋଇଲାଣି
ଯେବେ । କହ ହେଲେ ପୂର୍ଣ୍ଣ ତେବେ, ନାମୁଁ ହେବ ଅନ୍ତର । ୩ ।
କବିଚନ୍ଦ୍ର ଭାବ କହ, ଉଦିତଲେ ଆଉ କେହି, ତାରିବାକୁ ଥିଲେ
କ୍ଷମା କରନ୍ତ ମୁଁ ଖାତର । ୪ ।

ଆହେ ପ୍ରଭୁ ପଙ୍କଜମୁଖ । କି ହେତୁରୁ ମୋର ନହର ଦୁଃଖ ।
କେଉଁ ଦୋଷ ଅବା କଲ ବୋଲି ମୋହଠାରେ ଏ ନିର୍ଦ୍ଦୟା ଭାବକୁ
ରଖ । ଘୋଷା । ଏ ଭବମଣ୍ଡଳେ ମୋ ଭଳି ସମାନରେ ନଥିବ ଜଣେ
ନିରେଖ । ଉନ୍ନିଦାରୁ ଅବା ବନ୍ଦି ହୋଇବାରୁ ମୋର ବାଙ୍କ କର୍ମ
ନୁହେ ସଲଖ । ମାୟା ଜଞ୍ଜାଳରେ ଲଢ଼ିଘାଣ୍ଟି ହେଲି ଦିନେ ନ
ପାଇଲି ସୁଖ । ତୁମ୍ଭପଛ ପ୍ରଭୁ ଥାଉଁ ଥାଉଁ ଏବେ ଭାସିଯାଉଅଛୁ

ଦୀନ ଅରକ୍ଷ । ୨ । ବକାସୁର ବା ଚକାନେଣ ବନ୍ଧୁବାନ୍ଧୁ ମୋ କଷ୍ଟ ଭଲେ ନଦେଖିବଲ୍ଲ । ପଡ଼ିଅଛି ବେଳ୍ଚ ବେଲ ଘୋର ବିପଦର ଦାଉରେ ନଳିନାକ୍ଷ ॥ ଯେଳ ମୋ ଜଣାଣ ଆହେ ନାରାୟଣ କେହିନାହିଁ ଆଉ ସାକ୍ଷ । ମାନହୀନ ବେଣୁଧର ଅଧମାକୁ ସୁଦର୍ଶନ ରଜି ତଳରେ ରଖ । ୪ ।

—❋—

ଚାଲ ଏକତାଳି ।

ରମାରମଣ ହେ ! କ୍ଷମାକର ମୋ ବିପତ୍ତି ଭାର ।

ତୁମ୍ଭେ ନ ରକ୍ଷିଲେ ଆହେ ଦୀନବନ୍ଧୁ ଏ ଭୃତ୍ୟ ହୋଇବଟି କାହାର । ଘୋଷା ଆଉ କେ ମୋ ସାହା ଅଛି ଉଦ୍ଧାରା ଏ କଷ୍ଟରୁ କରିବ ଉଦ୍ଧାର । କଙ୍କଟ ଭଞ୍ଜନ ଗରବ ଗଞ୍ଜନ ଏ ଭବାର୍ଣ୍ଣବରୁ କର ପାର ॥ ସୁଦର୍ଶନ ରଜି ଯୋଡ଼ାଇ ରକ୍ଷିଲେ କି କରିପାରିବ ଗ୍ରହ ଗ୍ରର । ତବବିନା ଦୁଃଖ ହରିବାକୁ ଏ ସଂସାରେ କାହାକୁ ନ କରେ ଗାର । ୨ । ଆରତେ ଡାକୁଛି ଆର୍ତ୍ତଧ୍ୱଂସନଙ୍କୁ କିମ୍ପାଇଁ କରୁଣ ନ ଶିବାର । ଯେବେ କିଛି ଅପରାଧ ଅଛି ପ୍ରଭୁ ନିଜ କର୍ମ୍ମଧରେ ସହାର । ୩ । ଏ ଦୁଇ କଥାରୁ କଥାଏ କି ହେଉ ନ କରୁଛ କଉସ୍ତୁଭ ହାର । କହେ ବେଣୁଧର ମୋହପରି ଜଣେ ଖୋଜିଲେ ନ ଥିବେ ଦୁରାଚାର । ୪ ।

—o—

ଅଦଚାଲ ।

ଘନବାର୍ଣ୍ଣବ ହରି ହେ କର କାରଣ । ଏ ଅଧମ ଜନେ ପ୍ରଭୁ ନୁହ କୃପଣ । ଘୋଷା । ଯେଳ ଭକତ ମୋହନ, ଅହେ ବୈକୁଣ୍ଠକେଶରୀ, ନିବାରଣ କର ମୋ ବିପତ୍ତି ବାରଣ । ୧ । ହେ ଶ୍ରୀଲାଉଲ ବିହାରି, ନ ରକ୍ଷିଲେ ଗଲ ସରି । ତୁମ୍ଭବିନା କେହି ନାହିଁ ରମାରମଣ । ୨ । ଅହେ ପ୍ରଭୁ ମହାବାହୁ, ଘୋଟିଛି ବିପଦ ରାହୁ । ଗ୍ରାସୁଅଛି ବହୁ ବହୁ ଯେଳ ଶରଣ । ୩ । ଚାହିଁ କହେ ବେଣୁଧର, ଗ୍ରୀଚରଣରେ ଯୋଡ଼ କର । ରଜି ଯେତି ଦୁଃଖ ହର ଆରତତ୍ରାଣ । ୪ ।

———

ଚାଳ—ଝୁଲ ।

ଭଜରେ ମନ ରଜନୀ ଦିନ ରଘୁନାଥ ନାମ । ରଘୁନାଥ ନାମ, ସୀତାପତି ରାମ, ଦୁର୍ବାଦଳ ଶ୍ୟାମ । ପଦ । ଯେଉଁ ନାମ ଧ୍ୟାନ କରି, ତରିଲା ଅହଲ୍ୟା ନାରୀ, ବୀର ହନୁମାନ ଲଙ୍କାଜୟ କଲା ଧ୍ୟାଇ ଯେଉଁ ପରଂବ୍ରହ୍ମ । ଯେ ନାମ [illegible] ଭଜନ, [illegible] ଭଜନ, ବିଭୀଷଣ ଲଙ୍କାଗଡ଼େ ରାଜା ହେଲା ଯା ପାଦେ ପଶି ଶରଣ । ୨ । ଯାକୁ ଭଜି ପ୍ରହ୍ଲାଦ, ଲଭିଲା ଇନ୍ଦ୍ରପଦ, ଧ୍ରୁବ ଚିନ୍ତା କରି ମୁକତି ଲଭିଲା ପାଇଲା ଦିବ୍ୟ ଆଶ୍ରମ । ୩ । ଗଜ ଆରତେ ଡାକିଲା, ଗ୍ରାହା ମୁଖୁଁ ନିସ୍ତରିଲା, ମୃଗୁଣୀ ବ୍ୟାଧ ସଙ୍କଟୁ ପାରି ହେଲା ସୁମରି ସେ ଆର୍ତ୍ତତ୍ରାଣ ।। ଅଜାମିଳ ବିପ୍ର ପାପୀ, ଯେଉଁ ନାମ ଗୋଟି ଜପି, ସଂସାରୁ ତରିଲା ବୈକୁଣ୍ଠେ ବସିଲା ଦଣ୍ଡି ନ ପାରିଲା ଯମ । ୫ । କହେ ଦୀନ ବେଣୁଧର, ଯାହାକୁ ଚିନ୍ତନ୍ତି ହର, ସେ ଚରଣେ ଲୟେ କଲେ ତୁ ଗର୍ଭେ ଯିବୁ ବଇକୁଣ୍ଠ ଧାମ । ୬ ।

———

ଚାଳି ଏକତାଳି ।

ଅହେ ଚକାଆଖି । ସଙ୍କା କଲ କି ଏ ମୋ ବିପତ୍ତି ଦେଖି ।ପଦ । ଡକାଇ ଛାମୁରେ ଲାଗି ଦିନ । ଥକା ହୋଇଲଣି କରି ଧ୍ୟାନ । ଭକାଇତ ଏଡ଼େ ବୋଲି ନ ଜାଣିଥିଲେ ଆଗେ କରିଥାନ୍ତି ମୁଁ କାହିଁକି । ୧ । ଦକା ମାନସରୁ ନ ହରିଲ, ପକାଇ ବିପଦେ ସାରି ଦେଲ, ତକ୍କା ବାଜୁଅଛୁ ବ୍ରହ୍ମାଣ୍ଡ ଯାକରେ ଏକା ଆରତଭଞ୍ଜନ ଟିକି । ୨ । ବକାର ଟିକାଏ ନ ଶୁଣୁଛ, ଢକା ପକାଉଛୁ ହେ ଶ୍ରୀବତ୍ସ ବଙ୍କା ହେଲଣି କି ମୋ ଇନ୍ଦ୍ରିୟଧ ତୀକ୍ଷ୍ଣ ଦାଢ଼ ନ ସଲଖି । ୩ । ଜି ରାଭଣେ ହରି ନ ଗୁଣିଲ, ଫିକା ସୁଦାମାକୁ କରି ଦେଲ, ବକା ହୋଇବାରୁ ଶ୍ରୀ ଚରଣତଳେ ଲାଗିବାପାଇଁ ପାଞ୍ଚୁଛି କି । ୪ । ଠକା ଠକି ପଣ ଗୋଟି ଛାଡି, ଧକା ଦେଇ ବିଘାତିଙ୍କି ତଡ଼ି ଅକାରଣ ନୋହୁ ଦୀନ ବେଣୁଧର ଜଣାଣ ମାଗୁଛି ମୁଁ ଏତିକି । ୫ ।

ତାଳ ଝୁଲା ।

ଛାଡ଼ିଲେ ମୋ ବିପତ୍ତିକି ପାରିବ କି ହରିବ ହେ ।
ଆଶ୍ରିତ କଲା ଜନକୁ ତାରିବ କି ମାରିବ ହେ । ଘୋଷା ।

କଷ୍ଟ ତାରିବାକୁ କରି, କରିଛୁ ଭରଷା ହରି, ନ ଶୁଣିଲେ ମୋ ଗୁହାରି ନିଷ୍ଠୁର କି କରିବ ହେ । ୧ । ଦାରୁଣୀ ଘୋର ବିପଦୁଁ ତରିଲା ତବ ପ୍ରସାଦୁଁ, ଦରିଦ୍ର ଜନର ବନ୍ଧୁ କିବା ଅପହରିବ ହେ । ୨ । ବାଳି ମାରିଛ ଆପଣ ବାଳୀ ତାରିଅଛ ପୁଣ ବାଳୀଝାରି ଏ ଜଣାଣ ଧରିବ କି ଫେରିବ ହେ । ୩ । ପତିତପାବନ ହରି ଗତି କେ ଅଛୁ ମୋହରି, କ୍ଷିତିରେ ନାହି ଅରକ୍ଷ ବେଣୁଧର ଗରିବ ହେ । ୪ ।

—❋—

(ସତେ ଦେଖ ଯିବୁ ଯବରେ—ବୃତ୍ତେ)

ଜୟ କାନନବିହାରୀ ହେ, ଯାହା ଦେଖିଲି ଆଜ ଏତିକି । ନବୀନ ନୀରଦ ଶ୍ୟାମଳ ତମାଳ-ଜିତ ମୋହନ ମୂର୍ତ୍ତିଙ୍କି । ଘୋଷା । ବାମ ପାର୍ଶ୍ୱରେ ଜନକନନ୍ଦନୀ ଦକ୍ଷେ ଦେଖ ସୌମିତ୍ରିଙ୍କି । ଯତ୍ନେ ରତ୍ନ ସିଂହାସନେ ବିଜେକରି ଉଡ଼ାଅ ଯଶ କୀର୍ତ୍ତିକି । ୧ । ସିଂହଦ୍ୱାର ବେଢ଼ପାଶେ ଜଗାଇଛ ହନୁ ବାଳୀ ସନ୍ତତିକି । ଘାକର ବେଢ଼ ପ୍ରସାଦ ଭକ୍ତେ ଯାଚି ଦେଉଛ ଗତି ମୁକ୍ତିକି । ୨ । ଆସିବାରୁ ପ୍ରଭୁ ତବ ଦରଶନେ ପ୍ରଫୁଲ୍ଲ କରି ମତିକି ଚିତ୍ତେଶୁ କରି ସିନା ଲଦି ଦେଲ ମୋର ଶିରେ ଘୋର ବିପତ୍ତିକି । ୩ । ତୀକ୍ଷ୍ଣଶରମୁନ ଅକ୍ଷମ ହେଲ କି ଦେଖିଣ ମୋ ଅରାତିକି । ଦକ୍ଷକର ଅବା ପକ୍ଷପାତି ହେଲ ନ ଶୁଣ ମୋ ବିନତିକି । ୪ । ସାକ୍ଷ ଆନ କେହ ନାହିଁ ନଳିନାକ୍ଷ ହରିବାକୁ ମୋ ଭୀତିକି । ଯେଣୁ ନ ଶୁଣୁଛ ଏଣୁ ବେଣୁଧର ମଣୁଛୁ ଜଡ଼ ଶ୍ରୁତିକି । ୫ ।

—❋—

ତାଳ ଝୁଲା ।

ମୂଢ଼ ମନରେ ! ଭଜ ଜଗନ୍ନାଥଙ୍କୁ । ଲଭିବୁ ସୁଗତି ମୁକ୍ତି ପଥକୁ । ଘୋଷା । ଅଶେଷ ପାତକ କ୍ଷୟ ହୋଇଯିବ ବେଳୁଁ ଆଶ୍ରେକଲେ

ରମାକାନ୍ତଙ୍କୁ । ଏ ଭବ ସାଗରୁ ପାରି ହେବୁ ଯେବେ ତାଙ୍କ କର୍ଣ୍ଣଧାର ଭକ୍ତିହାତଙ୍କୁ । ୧ । ଆଜନ୍ମର ପାପ ଯେ ଥିବ ଅମାପ ଖଣ୍ଡିବେ ଦେଖି ତୋ ଭକ୍ତି ମନ୍ତ୍ରକୁ । ଅନ୍ତିମରେ ବଇକୁଣ୍ଠରେ ବସିରୁ ପୂର୍ଣ୍ଣ କରି ତୋର ମନୋରଥକୁ । ୨ । ସାଧୁସଙ୍ଗ ଲୋଡ଼ ମାୟାରେ ନପଡ଼ ଇଚ୍ଛା ନକର କେବେ ଅର୍ଥକୁ । ଲୟ ହବଥାଅ ଶ୍ରୀପୁଙ୍କେ ନିର୍ଭୟ ହୋଇ ଶ୍ରୀଅମଳ ପଦ୍ମନେତ୍ରଙ୍କୁ । ୩ । ମାୟା ମୋହ ହିଂସା ରାଗ ଅହଙ୍କାର ତେଜି ନିର୍ମଳ କର ଚିତ୍ତକୁ । କହେ ଦୀନ ବେଣୁ ବିମ୍ବା ଜାଣୁ ଜାଣୁ ଅଜଣା ହେଉଛୁ ଲଙ୍ଘି ସତ୍ୟକୁ । ୪ ।

—*—

ତାଲ ଝୁଲା ।

ହରି ହେ ! ଏ କି ଅଷ୍ଟୁ ରୂପଣ । ଦୟାନିଧି ହୋଇ ହୁଅ କୃପଣ । ଘୋଷା । ଦୀନବନ୍ଧୁ ଭବତ୍ରାହୀ ନାମ ପର ପୁଣି ବୋଲାଉଛ ଦୁଃଖ-ନାଶନ । କେତେ କେତେ ଲୋକ ମୁଖରୁ ଶୁଣିଛି ତୁମ୍ଭେ ପର ଅନ୍ତ ଆରତତ୍ରାଣ ॥ ତପଦ-ଅର୍ଣ୍ଣବେ ଭାସି ଯାଉଅଛୁ କାହିଁପାଇଁ ମୋରେ ଏଡ଼େ ଦାରୁଣ । ଶ୍ରୀପଦ୍ମରେ ଆଶ୍ରେକରି ସହିଗଲେ କେଉଁ ଯଶ ଲଭିବଟି ଆପଣ । ୨ । ଗରବଗଞ୍ଜନ ବୋଲାଇଣ ଯେବେ ଭାଙ୍ଗି ନପାରିବ ଗ୍ରହରଷ୍ଟାଣ । କାହିଁପାଇଁ ଆଉ ଦୀନଜନମାନେ ପଦାର-ବିନ୍ଦରେ ଯିବେ ଶରଣ । ୩ । ହର ମୋ ଆରତ ଆହେ ସୀତାକାନ୍ତ ଫେଡ ମୋର ଏ ଦୁର୍ଦ୍ଦଶା କଷଣ । କହେ ବେଣୁଧର ଯୋଡ଼ି ବେନି-କର ଆର୍ତ୍ତିତ ଜନଙ୍କୁ କର କାରଣ । ୪ ।

—*—

ତାଲ ଝୁଲା ଏକତାଳ ।

ରାମ କୃଷ୍ଣ ରାମ କୃଷ୍ଣ ରାମ କୃଷ୍ଣ ଭଜରେ । ଦୀନବନ୍ଧୁ କୃପାସିନ୍ଧୁ ମୃଦୁପଦ କଞ୍ଜରେ । ଘୋଷା । ହୃଷୀକେଶ ପୀତବାସ ଶ୍ୟାମ ନାମେ ମଜ୍ଜ ରେ । ଗୋପୀନାଥ ବାସୁଦେବ ଚନ୍ଦ୍ର ବ୍ରଜରାଜ ରେ । ୧ । ବନ-ମାଳୀ ଦଇତ୍ୟାରି ଧ୍ୟାଇ ସବୁ ତ୍ୟଜ ରେ । ଗିରିଧାରି ଶ୍ରୀମୁରାରି ହରିଙ୍କି ତୁ ହେଜରେ । ୨ । ବଇକୁଣ୍ଠ ମଣ୍ଡନ ଶ୍ରୀପତି ଚତୁର୍ଭୁଜ ଯେ ।

ମଧୁସୂଦନ ପଦ୍ମନାଭ ହରନ୍ତେ ଶରଣଜନେ । ୩ । ପତିତ ପାବନ ନାମେ ମିଳଇଛି ଧ୍ୱଜାରେ । ରାମ ନାମ ବେଣୁ ନ ପାଶୋରୁ ମାୟା ଛେଳରେ । ୪ ।

—✱—

ତାଲ ଆଠତାଳୀ ।

ମହାବାହୁ ! କେବେ ଦେବ ଦରଶନ ହେ ! ତବ ନାମ ଭଜେ ନ ସୁଲଭ ହେଲେ ଏ ପାମର ଦୀନହୀନ ହେ । ଘୋଷା । ଏ ବିଷୟ ବିଷ ରଜନୀ ଦିବସ ଘାରୁଅଛି ମୋର ମନ ହେ । ଦିଅ ସଦବୁଦ୍ଧି ଆହେ ଦୟାନିଧି ନାଶ ଯାଉ ମୋ କୁଜ୍ଞାନ ହେ । ୧ । ସାଧୁ ସଙ୍ଗ ଦିନେ କଲିନାହିଁ ପ୍ରଭୁ ନ କଲି ନାମ ଭଜନ ହେ । ମାୟାମୋହେ ପଡି ଅନ୍ଧ ହେଉଅଛି ଲୋଭଗ୍ରସ୍ତେ ଗଲା ଦିନ ହେ ॥ ଜପତପ ଦାନ-ଧ୍ୟାନ କରିବାକୁ ଅଟଇ ମୁଁ କର୍ମହୀନ ହେ । ଏ ଭବାର୍ଣ୍ଣବରୁ କିପରି ତରିବ କହ ଆରତଭଞ୍ଜନ ହେ ॥ ମାଗୁଅଛି ଏତେ ଶ୍ରୀପଦପଙ୍କଜେ ତବ ପଦେ ରହୁ ଧ୍ୟାନ ହେ । ବୋଲେ ବେଣୁଧର ତବ ନାମ ଧରି ଯାଉ ଏ ଛାର ଜୀବନ ହେ । ୪ ।

—✱—

ତାଲ ପହପଟ ।

ଦୀନବାନ୍ଧବ ହେ ! କେ କି ଦେଲା ମୁଁ ନ ଦେଲି । ଟେକିଅଛ କର ଡାକିଲାକ୍ଷ ପ୍ରାପ୍ତେ ଠକିଦେଲ ମୁଁ କି କଲି । ଘୋଷା । ତାରିଛ କସି କି ମାରି ତା ଅସ୍ଥି ଯୋରିସେ ହେବାରୁ ଘାରି । ତରି ମରୁଥିଲା ହରି ଘେନି ଗଲା ତରିଗଲା ହରି ବୋଲି । ୧ । ବାଜାବଜା ରଜା ଅଜାମିଳ ପାପୀ ସଜାରୁ ହୋଇଲା ଖାଲି । ଗଞ୍ଜାଇ ଭଖାଇ ଗଞ୍ଜାଇ ମାରୁଛ କେଉଁ ଅପରାଧ କଲି । ୨ । ଅନ୍ଧ ବିପ୍ରକୁ ଚକ୍ଷୁଦାନ ଦେଲ ତା ପୁଅ ସଙ୍ଗେ ଖେଳି ବାଲି । ଅଧମ ଦାସକୁ ଉଦ୍ଧରିଲ ନାହିଁ ବଧହେଲ ଭୁଲି ଭୁଲି । ୩ । ପିଲାଟି ଦିନରୁ ଡକା ପକାଉଛି ଫକା ହୁଅନ୍ତାଣି ନାଲି । ବାଙ୍କା ବୋଲେ ଉକାନେଇ ନଜାଣଇ ଏତେ ଉକାଇତ ବୋଲି । ୪ ।

—✱—

ଆହେ ନୀଳଶଇଳ ପ୍ରବଳ ମତ୍ତବାରଣ । ମୋ ଆରତ ନଳିନୀ ବନକୁ କର ଦମନ । ୧ । ଗଜରାଜ ଚିନ୍ତାକଲା ଥାଇ ଘୋର ଜଳେଙ୍ଗ । ଚକ୍ରପେଶି ତ୍ରାହାନାଶି ଉଦ୍ଧରିଲ ଆପଣ । ୨ । ଘୋର-ବନେ ମୃଗୁଣୀକି ପଡ଼ିଥିଲା ଚିପଣ । କେତେବଡ଼ ବିପତ୍ତିରୁ କରିଅଛ ତାରଣ । ୩ । କୁରୁସଭା ଚଳିଲ ପୁଣି ଦ୍ରୌପଦୀର ଚିଣାଣ । କୋଟି-ବସ୍ତ୍ର ଦେଲ ହେଲେ ଲଜ୍ଜାକଲ ବାରଣ । ୪ । ରାବଣର ଭାଇ ବିଭୀଷଣ ଗଲା ଶରଣ । ଶରଣ ସମ୍ଭାଳି ତାଙ୍କୁ ଲଙ୍କେ କଲ ରାଜନ ॥ ପ୍ରହଲ୍ଲାଦ ପିତା ସେ ଯେ ବଡ଼ ଦୁଷ୍ଟ ଦାରୁଣ । ସ୍ତମ୍ଭରୁ ବାହାରି ତାକୁ ବିଦାରିଲ ତକ୍ଷଣ । ୬ । ନୀଳାଚଳେ ବିଜେକଲ ବୌଦ୍ଧ ଅବତାରେଣ । ବେଣ୍ଡଭୁଜ ଛେଦି ପ୍ରଭୁ ଯାରୁଅଛ ଶରଣ । ୭ । କହେ ସାଲବେଗ ହୀନ ଜାତିରେ ମୁଁ ଦମନ । ଶ୍ରୀ ରଙ୍ଗାଚରଣ ତଳେ କରୁଅଛୁ ଜଣାଣ । ୮ ।

—*—

ଡାଳ—ଛପକା ।

ଆହେ ନୀଳଗିରି । ତୁମ୍ଭ ଶ୍ରୀଭୁଜେ ଦର୍ପଣା କେଉଁ କେଉଁ । ପଦ । ତୁଳସୀ ଚଉରା ପାଶେ ଜଟି । ବସି ଧ୍ୟାଉଛନ୍ତି କେତେ ଯୋଗୀ । ବ୍ୟାଘ୍ରଚର୍ମପାତି ସ୍ତୁତି କରୁଛନ୍ତି । ଜପୁଛନ୍ତି ନାମ ସଂଖ୍ୟାକରି । ୧ । ବଡ଼ଦାଣ୍ଡ ଦେଖି ହେଲା ତୋଷ । ରେଣୁମାନ ତେଣୁ କଲି ଗ୍ରାସ । ଶ୍ରୀଶ୍ରୀ ଖେଟଉଡରେ ଚିତ୍ତ ନ ବୋଧଇ । ଠଙ୍କ ତୋରଣିରେ ମନ ତୋଷ । ୨ । ସିଂହଦ୍ୱାରେ ପଡ଼େ ବେତବାଡ଼ି । ବାଜନ୍ତେ ପାତକ ଯାଏଛୁଡ଼ି । ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଲମନ୍ତେ ଏକକୁ ଆରେକ ହୁଡ଼ା-ହୁଡ଼ି । ୩ । ବାଇଶ ପାବଛ ଗଲି ସୁଖେ । କୈବଲ୍ୟ ପସରା ବେଢ଼ ପାଖେ । ଚଣ୍ଡାଳଂ ବ୍ରାହ୍ମଣ ଶୂଦ୍ର ପରିଯନ୍ତେ । କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ ॥ ରୋହିଣୀ ପାହୁକା କୁଣ୍ଡ ରଜ । ସିଂହ ମାଡ଼ବସିଅଛୁ ଗଜ । ସତେ କି ଏ ଜନ୍ମ ସୁଫଳ ହୋଇବ । କାକ ପଡ଼ି ହେଲା ଚତୁର୍ଭୁଜ । ୫ । ଗରୁଡ଼ ପଛରେ ରହି ଦେଖ । କି ଶୋଭା ପାଉଛୁ ପଦ୍ମମୁଖ । ହୀରା ନୀଳା ମୋତି ମାଣିକ୍ୟ ଜଡ଼ିଛୁ । ହୃଦେ ଲମ୍ବି ଅଛୁ

ବ୍ୟାଘ୍ରନଖ । ୬ । ଶ୍ରୀ ଜଗନ୍ନାଥଙ୍କ ଠାକୁରାଣୀ । ସୁବର୍ଣ୍ଣଥାଳୀରେ ଅର୍ଘ୍ୟ ଆଣି । କାଲ ଶ୍ରୀମୁଖଙ୍କୁ ବନ୍ଦାଣ କରନ୍ତି । ସାଧୁ ସନ୍ଥ ଦମ୍ପ ହୃଦ୍‌ଧ୍ୟାନ । ୭ । କହେ ସାଲବେଗ ହୀନ ଜାତି । ଶ୍ରୀ ରଙ୍ଗାଚରଣେ ରହୁ ମତି । ଶ୍ରୀଜଗନ୍ନାଥଙ୍କ ଜଣାଣ କରୁଛି । ବାରେ ରକ୍ଷାକର ଲକ୍ଷ୍ମୀପତି । ୮ । ୬ ।

—❋—

ତାଳ—ଦକ୍ଷିଣ ଯତି ।

ହେ ଜଗନ୍ନାଥ । ନ ଜାଣ କି ମୋହର ଆରତ । ପଦ ।

ଗଜ ପୁଣି ସେ ମୃଗିଣୀ । ତାଙ୍କ କଷ୍ଟେ ଅଛ ଶୁଣି । ପ୍ରହଲାଦ ଭକ୍ତ ଜାଣି । ସ୍ତମ୍ଭ ଜାତ ହେଲ ପୁଣି । ଶୁଣିଅଛୁ ଏତେ ପୁରୁଷାର୍ଥ ହେ ॥ ଭାଇଙ୍କୁ ନିକଟ ହରି । ସୁଗ୍ରୀବରେ ମିତ୍ର କରି । ଉଚ୍ଛିଷ୍ଟ ଦେଲ ଶବରୀ । ତାହା ଦେଲ ଗ୍ରାସ କରି । ବାହୁଥିଲ ପରା ପାର୍ଥରଥ ହେ ॥ ଶରଣ ସେ ବିଭୀଷଣ । ଲଙ୍କେ କଲ ନୃପରାଣ । ସମୁଦ୍ରେ ବନ୍ଧ ବାନ୍ଧିଣ । ସଙ୍ଗେ ଘେନି କପିଗଣ । କାଟି ପକାଇଲ ଦଶମାଥ ହେ ॥ ଶ୍ରୀ ନୀଳକନ୍ଦରେ ରହି । ତାଙ୍କ କଷ୍ଟେ ଶୁଣୁ ନାହିଁ । ଏତେ ନିଷ୍ଠୁର ସେ ଦେହୀ । ଦୀନ ମଦନ କହଇ । ପଦ୍ମପାଦେ ରହୁ ମୋର ମାଥ ହେ ॥

—❋—

ତାଳ—ଏକତାଳି ଆଡଖେମଟା ।

ଅଭୟ ପାଦପଦ୍ମକୁ କରି ଭୁ ଆଶା ।

ଛାର ନୁହେ ଏ ଶରୀର ଅଛୁ କି ଦଶା । ପଦ ।

ଅକାରକୁ କର ଠାବ । ଇକାରେ ଲଗାଅ ଭାବ । ଉକାରରେ ସର୍ବଶୁଭ ଏ ଭବ ନିଶା । ୧ । ସ୍ୱୟଂଶୂନ୍ୟପରେ ଶୂନ୍ୟ । ତାଥିପରେ ନିରଞ୍ଜନ । ନାହିଁ ଯହିଁ ବାଇ ଛର ଦିବସ ନିଶା । ୨ । ପଞ୍ଚମାତ୍ରା ପଞ୍ଚସ୍ଥାନ । ପଞ୍ଚସ୍ଥରେ କର ସ୍ନାନ । ପଞ୍ଚାଶଦଳ ଭେଦିଣ ଖେଳାଅ ହଂସା । ୪ । ନାମକୁ କର ଭଜନ । ଅନାମେ ପଶ ଶରଣ । ଭାବେ ଦାସ ରଘୁନାଥ ନୂନ୍ୟ ଭରସା । ୫ ।

—❋—

ତାଳ—ଏକତାଳି ।

ସୁମନ ଆରେ ମୋ ବୋଲ କର ସୁସଙ୍ଗେ ସୁପଥେ ଯାଅ ରେ ।
ଅଗାଧ ଜଳ । ନ ପାଇ ସ୍ଥଳ । ହରିନାମ ମୁଖେ ଗାଅ ରେ । ପଦ ।
ସୁମନ ପନ୍ଥାରୁ କୁମନ କଣ୍ଟା ବାଛ ଜଗତକୁ ଯାଅ ରେ । ହେତୁ
କେତୁଣ୍ଠ ମଙ୍ଗଳୁ ଆଶ୍ରା ଅଧ୍ୟପଛ କର ବାହାରେ ନନ୍ଦିଗୁଣାମାର ଗୃହ
ଅଙ୍କାର ଆଠ ଆଖୁଡ଼ାକୁ ଗୃହ୍ନା ନିରେ । ଯମ ଯେମନ୍ତେ ଯିବ ପରତେ
ଯିବା ଆସିବାର ଗୃହାରେ । ୨ । ଷଡ଼ଅଇର ଛରସା ଭର ନିଜ
ବଣିଜରେ ଥାଅରେ । ସାଧୁ ସଙ୍ଗତେ ବଣିଜ ଯେତେ ମୂଳରଖି ଲାଭ
ଖାଅ ରେ ॥ ନ କର ହେଲା ବୁଡବ ଭେଲା ବହୁବର୍ଷ ବଡ଼ ବାଅ ରେ ।
ଯଶୋବନ୍ତ ଦାସ ପାଦରେ ଶରଣ ନୋହିବେଟି କେହି ସାହା ରେ ॥

—✻—

ତାଳ—ପୋସ୍ତା ।

ବାଚ୍ଛ କେ ନାମ ଦେଲ ଦଇତ୍ୟାରି ଦୟାନିଧି । ଦଇତ୍ୟାରି
ଦୟା-ନିଧି ଦୟାଳୁ ରାମଚନ୍ଦ୍ର । ନିର୍ଦ୍ଦୟ କିପାଁ ହେଲ ନିରବଧି । ପଦ ।
ଭଜଣ ଯେ ପାଦାମ୍ବୁଜ । ହେଲେ ଇନ୍ଦ୍ରଗଲା ଗଜ । କାହିଁ ଛୁରିଲା
ତାର ବଳ ବୁଦ୍ଧି । ୧ । ଚକ୍ରିଲ ପ୍ରହଲାଦ । ଭକ୍ତପାଇଁ ବିଷାଦ ।
ସ୍ତମ୍ଭ ବାହାରି ତା ପିତାକୁ ବଧି । ୨ । ଗୋପେ ରଖି ଗୋକୁଳ ।
ଗିଳିଲ ଦେ ଦାବାନଳ । କଲ ଗୋପୀଙ୍କର କାମନା ସିଦ୍ଧି । ୩ ।
କହେ ଶାଲବେଗ ହୀନ । ଏହି ମୋର ନିବେଦନ । ସେ ପାଦେ
ଚିତ୍ତ ରହୁ ନିରବଧି । ୪ ।

—✻—

ତାଳ—ଆଡ଼ଖେମଟା ।

ଅହେ ପ୍ରଭୁ ଶ୍ୟାମବାବାବୁ । ଶରଣ ସୋଦର ନୋହିଲେ ଆଉ । ପଦ ।
ଦିନୁ ଦିନ ଦୁଃଖ ହେଲା ଅତିରେକ ବନ୍ଧୁତ ଜଞ୍ଜାଳ କଲେଣି ସାଉ ।
ଅନ୍ନ ଜଳ ଥିଲେ ଭରଣ ନ ମିଳେ ଜାଲ ବିନା ପଡ଼ି କିରୂପେ ପାଉ ॥
ଆସନ ନ ଥାଇ ଶୟନ କରୁଛୁ ତେଲ ବିନା ତନୁ ଖରସି ଥାଉ ।
ଯେଜ ଯେନି ଅନ୍ନ ଗର୍ଭରୁ ପେଷିଲେ ସନ୍ଧ୍ୟାକାଳେ ସନ୍ଧ୍ୟା ନ ଲଗେ

ଆଉ । ୨ । ଯେତେ ଯେତେ କଥା କଲ ହେଁ ବ୍ୟବସ୍ଥା ଅନ୍ୟ ଜାଣି-ବାକୁ କେ ଅଛୁ ଆଉ । ଦେଖି ଦେଖି ହରି କଲ ଏତେସରି ପାଦ-ପଙ୍କଜରେ ଜୀବ ମିଳାଉ । ୩ । ଛଡଆ ଗ୍ରାମରେ ପଡରହିଅଛୁ ତୁମ୍ଭ ମନରେ ଥାଉ କି ନ ଥାଉ । ପାମର ବାଉଆ ଭାସି ଯାଉଅଛୁ ସାଆନ୍ତ ଦର୍ଶନ ଦେଇ କୂଳେ ଲଗାଉ । ୪ ।

—✱—

ତାଳ—ଆଡ଼ଖେମଟା ।

ଲାଗିଛି ଲୀଳା ନୀଳାଚଳରେ ।
ରାଧା କୃଷ୍ଣ ଏକଅଙ୍ଗ ଯା ସଦାକାଳରେ । ପଦ ।

ଅନନ୍ତ ମସ୍ତକେ ଫଣି ଫଣିପରେ ଦିବ୍ୟ ମଣି । ତାପରେ ଅବ୍ୟକ୍ତ ମଣି ସହସ୍ରଦଳରେ । ୧ । ଆସୁଛି ଯାଉଛି ବାର ଏବାରରୁ ସେ ବାହାର ବାର ଭେଦ ଠାବ କର ଦେବ ମୂଳରେ । ୨ । ଊର୍ମି-ଧୂର୍ମି ଜ୍ୟୋତି ଜ୍ୱାଳା, ପ୍ରକାଶ ଏ ଗୃହିକଲା । ତାପରେ ଲାଗିଛି ଲୀଳା ଚୂଳ ଶୂନ୍ୟରେ । ୩ । ଧନ୍ୟ ଧନ୍ୟ ନୀଳକନ୍ଦ । ଯହିଁ ବନ୍ଦେ ଆନନ୍ଦ । କହେ ଦାସ ହୃଦାନନ୍ଦ ପାଦତଳ ରେ । ୪ ।

—✱—

ତାଳ—ଯୋଗ୍ୟା ।

ବିଶ୍ୱପତି ମୋ ବିନତି ସେନି ପଦେ ଦିଅ ସ୍ଥାନ ।
ନ ପାରଇ ସହି ଆଉ ସଂସାର ଯାତନାମାନ । ଘୋଷା ।

ଆହେ ପ୍ରଭୁ ଅନ୍ତର୍ଯ୍ୟାମୀ । ଅଖଣ୍ଡ ବ୍ରହ୍ମାଣ୍ଡ ସ୍ୱାମୀ । ତୁମ୍ଭଙ୍କୁ କି ଜଣାଇବି କେଉଁ କଥା ବା ନ ଜାଣ । ୧ । ମୋହମାୟାରେ ବୁଡିଲି । ସଂସାର ସୁଖ ଖୋଜିଲି । ଚିନ୍ତା ସରିତେ ବୁଡିଲି । ଅନୁକ୍ଷଣେ କାନ୍ଦେ ପ୍ରାଣ । ଆହେ ଦେବ ଭବତ୍ରାହୀ । ଭକ୍ତିଭାବ ନ ଜାଣଇ । ଏ ଭବରୁ କର ତ୍ରାହି ଡାକେ ଭାଗୀରଥୀ ଦୀନ । ୨ ।

—✱—

ତାଳ—ଝୁଲା ।

ରତ୍ନସିଂହାସନ ମଣ୍ଡିତମଣିକି କଳ୍ପବୃକ୍ଷ କି କଥାଏ ।
ମହୋଦଧି କୂଳେ କଳ୍ପବଟମୂଳେ କରିଅଛନ୍ତି ବିଜୟେ । ପଦ ।
ସେ ଚନ୍ଦ୍ରବଦନ ପଙ୍କଜଲୋଚନ ଆଉ କିପାଁ ଏତେ ଭୟେ ।
ଭାତ ନ ମିଳଇ ତୃଣ ନ ମିଳଇ ଲୁଣବିନା ବଡ଼ଭୟେ । ୧ । ଅଧୂଲି ଭିତରେ ଠିଙ୍କା ଗୁଣ୍ଡ ଅଛି ସଞ୍ଚାର ଅନ୍ଧାରମୟେ । ମୋହପାଇଁ ବିଛୁ ଧନ ମାଗୁଅଛୁ ନ ଶୁଣ ଦେବାଧିରାୟେ । ୨ । କିପରି ଦ୍ରୌପଦୀ ଲଜ୍ଜାକୁ ରଖିଲ ଏବେ କି ପାସୋରି ଯାଏ । ତୁମ୍ଭଙ୍କୁ ତୁମ୍ଭ ଭକ୍ତଗଣ ଅଛନ୍ତି ଯେବେ ନୋହି ବଡ଼ ନ୍ୟାୟେ । ୩ । ଛତିଆ ଗ୍ରାମରେ ରହି ହୀନହାଡ଼ି ଜଣାଉଁଛି ପଦ୍ମପାଏ । ମୋହ କର୍ମକୁ ଯେ ବଧିର ହେଲ କି ନ ଶୁଣ ହେ ଦୟାମୟେ । ୪ ।

—o—

ତାଳ—ଯତି ।

ଅହେ ପ୍ରଭୁ ଜଗନ୍ନାଥ । ବାରେ ଫେଡ ମୋ ଆରତ ହେ ।
ଦୁଃଖ ଦେଖି ମହାପ୍ରଭୁ କଷ୍ଟେ ଦେଇଛ କି ହସ୍ତ ହେ । ପଦ ।
ଗଜ ଡାକିଲା ଜଳରେ, ତାହା ଶୁଣିଲ କର୍ଣ୍ଣରେ, ଚକ୍ରକୁ ପେଷିଲ ଖରେ, ଗ୍ରାହ ପ୍ରାଣ କଲ ହତ ହେ । ୧ । କୁରୁପତି ସଭାତଳେ, ଦ୍ରୌପଦୀ ଆତଙ୍କ କାଲେ, କୋଟିବସ୍ତ୍ର ଦେଇ ହେଲେ, ରଖିଲ ତାର ମହତ୍ତ୍ୱ । ୨ । ଆତ୍ମାର୍ଥ କଥାଏ ପୁଣି, ଆତଙ୍କେ ଡାକେ ମୃଗୁଣି, ବ୍ୟାଧକୁ ଜୀବନେ ହାଣି, ଫେଡିଲ ତାର ଆରତ । ୩ । ଅତି କଷ୍ଟେ ଡାକେ ହରି, ଦୁଃଖ ନ ଗଲା ମୋହରି, ବାରେ ଶୁଣ ମୋ ଗୁହାରି, କହେ ଦୀନ ରଘୁନାଥ ହେ । ୪ ।

—✱—

ତାଳ—ଖେମଟା ।

ପ୍ରଭୁ ନାମବିନା ଅନେ ରସନା,
ତୁଚ୍ଛ ସମ୍ପଦରେ ଭୁଲିବସନା । ପଦ ।
କ୍ଷଣ ଭଙ୍ଗୁର ଅଟେ ସଂସାର ସବୁ କୁହୁକ ପରାୟେ ସିନା । ପାପେ ଅନେକ ବଢ଼ଇ ଦୁଃଖ । ଅସାଧୁଙ୍କ ସଙ୍ଗେ କେବେ ମେଶ ନା । ୨ ।

ଦାରକୁମର ନୁହନ୍ତି ତୋର । ମାୟା ମୋହଫାଶେ ଆଉ ପଶନା ॥
ଭଜ ଆନନ୍ଦେ ପରମାନନ୍ଦେ । ବୃଥା କଥାରେ ନ ଗଳ ରସନା । ୪ ।
ଯେ ପ୍ରେମଚନ୍ଦ୍ରେ ଚନ୍ଦ୍ରେ ଅଂର୍ଯ୍ୟଛେ । ଭାଗୀରଥୀ ଭାଷେ ପୂରେ
ବାସନା । ୫ ।

ଅଲେଖ ଭଜନ ।

ଲାଗିଛନ୍ତି ବ୍ରହ୍ମଆଜ୍ଞା ଅଲେଖ ଭୁବନେ । ଝାପି ଦେଉଛନ୍ତି ଏକୋଇଶ ବ୍ରହ୍ମାଣ୍ଡେ । ଘୋଷା । ବ୍ରହ୍ମ ବେଦଭାଗ କଲ, ଅଧେ ବ୍ରହ୍ମାଣ୍ଡ ରଚଲ । ଗୁପତ ହୋଇ ରହିଛି ଆଦ୍ଧୁର ଖଣ୍ଡେ । ୧ । ଏକ ବ୍ରହ୍ମରୂପ ଗୋଟି । ତହିଁ ତନ୍ତୁ ଯିବ ଫୁଟି । ଯାହା ମୁଁ ଦେଖିଛି କିସ କହିବ ଭୁଣ୍ଡେ । ୨ । କାଷ୍ଠର ପାଉଁସ ନାହିଁ, ଧୂମ ଧୂଆଁ ନ ଦଶଇ । ଗୁଁଡ଼ ଘୃତ ନାହିଁ ହୁତାଶନ ପ୍ରଚଣ୍ଡେ । ୩ । ହସ୍ତମାତ୍ର ଦେବ କହି, ଲଲାଟ ପଟ୍ଟଲୁ ତହିଁ ଲେଖା ହୋଇଅଛି ଯାହା ଦେଖସେ ମୁଣ୍ଡେ । ୪ । ସ୍ୱୟଂ ବ୍ରହ୍ମ ଏକରୂପ, ସକଳ ଜୀବଙ୍କ ବାପ, ଆସ୍ଥାନ ସ୍ଥଳରେ ସେବା ଭଗତ ଛନ୍ଦେ । ୫ । ବସି ଅଛନ୍ତି ଅନାଦି, ଶୂନ୍ୟ ଆସନ ସମାଧି । ଅଣ ଶବଦ ପ୍ରକାଶ ଅନ୍ୟମନ ଦାଣ୍ଡେ । ୬ । ହଜି ଯାଇଅଛି ସିନା, ଉଦେ କରାଅ ବାସନା । ଯେବଣ ସୁକୃତ ଅଛୁ କରମ କାଣ୍ଡେ । ଭଗମପଥ ଆଦଲ, ଅସାଧନରେ ସୁମତି । ଯତବନ୍ଧେ ଧରି ଜୀବ ଥାଉ ଏଖଣ୍ଡେ । ୭ । ଯେଉଁ ଜନ ଭକ୍ତ ତାର, ସେହୁ ଜାଣେ ବ୍ରହ୍ମସାର । ଶ୍ରୀ ପାଦତଳରେ ଶିର କମଳ ମୁଣ୍ଡେ । ୮ । ଅକ୍ଷୟ ବ୍ରହ୍ମରେ ମିଶି, ଏକରୂପ ପ୍ରାପ୍ତ ମିଶି । ତାକୁ କେହି ସରି ନୋହେ ଭବ ବ୍ରହ୍ମାଣ୍ଡେ । ୯ । ପିନ୍ଧନ୍ତି ବୃକ୍ଷ ବକଲ, ନେତ୍ରେ ଦେଖନ୍ତି ସକଲ, ଅଛଥି ପ୍ରାପ୍ତ ଭୁଲନ୍ତି ଧରମଦାଣ୍ଡେ ॥

—o—

ବଙ୍ଗଳା ଭଜନ ।

ଠେଓଟ ।

ମନ କେନ ବିଷୟ୍ୟା ବିଷୟ୍ୟ କର ।

କୋଥାୟେ ରବେ ବାଡି, କୋଥାୟ ରବେ ଗାଡି, ତୋମାର, କୋଥାୟ ରବେ କୋଠା, କୋଥାୟ ରବେ ବାଟା, ମାରବେ

ଯଖନ ଘୋଁଷା, କରେ ବିଚାର । କି ହବେ କିଛୁଇ ବୈଭବ, ତେବେ ଦେଖ ଅନିତ୍ୟ ସବ, ଥାକା ଅକାରଣ ଦେଖି ଏ ଭବ, ଯଦି ନା ଭଜିଲେ ପରମେଶ୍ୱର ॥

କୋଥା ହରି, ବ୍ୟଥାହାରି, ପ୍ରଭୁ ନାରାୟଣ । (ଏଇରେ) ଶୁନହେ ନାହି ପ୍ରାନ ବିଦାରି ପାପୀର ରୋଦନ । ଆହା, ପ୍ରାଣେ ବଡ଼ ବାଜେ ହେ, ପାପୀ ହାହାକାରେ କାନ୍ଦେ ହେ । ତୁମି ମୁକ୍ତିଦାତା, ପାପୀ ତ୍ରାତା, ଭର୍ତ୍ସ ଭୟ ବିମୋଚନ । ଆହା ଏମ୍ନି ତୋମାର ଦୟା ହେ, ତୁମି ପାପୀର ଶୀତଲ ଛାୟା ହେ । ପାପହର ବ'ଲେ 'ହରି' ବ'ଲେ ଡାକେ ତୋମାରେ ଜୀବଗଣ । ଓହେ ଦୟାଲ ହରି ହେ ଓହେ ପାପ-ହାରି ହେ । ଆଜ ହରିନାମେର ଗୁଣ ବୁଝିବ, ପାପୀ ଯଦି ପାୟ ଜୀବନ ହରି ଏସେଛି ଆଜ ତାଇ ହେ ତୁମି ବଲ କେଉ ନାଇ ହେ ॥

ଜୟ ନାରାୟନ, ଭୟ-ଋଣ ଭଞ୍ଜନ, ପୀତବସନ ବନମାଲୀ । ଅସୁର ବିନାଶନ, ସତ୍ୟ ସନାତନ, ଅତୁଲ ପ୍ରତୁଲ ଯଶଶାଲି । ପୂରଟ ମୁକୁଟ ଧାରୀ, ସଙ୍କଟ ପଟହର, ପ୍ରସ୍ଫୁଟ ପଙ୍କଜଧାରୀ । ପାଦ ପଦ୍ମ ତବ, ଯାଚହି ଭବ ଧବ, ତାରହ ଦେବ ମୁରାରି ।

ମନ ଆମାର, ଆମାୟ ଛେଡ଼େ କରିବ ଗମନ । ଯାବାର ସମୟେ ବୋଲେ ଯାରେ ଶ୍ରୀହରି ମଧୁସୂଦନ । ତୋମାୟେ ଆମାର ଭିନ୍ନ ହ'ବେ କି ଜାନି ତୁଇ କୋଥାୟ ଯାବ, ତୋର ଦେଖା ଆର ନାଇ ପା'ବ, ଚିର ଦିନେର ଅଦର୍ଶନ । ତାଇବଲି ପ୍ରାଣ, ଦୁଜନ ମିଲେ, କେନେ ଡାକି ହରି ବଲେ, ସ୍ଥାନ ପାବ ତାର ଚରନ ତଲେ, ହରି ଚରନ ଭୟ ନିବାରଣ । ଧୁରବେ ହରି-ପଦେର ବିପଦ, ବୋଲେ ହରି ଶ୍ରୀପଦ ସ୍ମରଣ ।

ସିନ୍ଧୁ ଦାଦରା ।

ଭକ୍ତିଭରେ ମଧୁରସ୍ୱରେ, ରାମ ବଲରେ ନରନାରୀ । ତରଣ ତରି, ଏକ ହରି, ହଲ ଭବେର ପାପକାରୀ । ଭବେର ସିନ୍ଧୁ, ଜୀବେର ବନ୍ଧୁ, ସମାନହଲ ରାମେର ନାମେ । ବାଜରେ ଡଙ୍କା, ଘୁଚରେ ଶଙ୍କା, ଚଲ ସ୍ୱଦାନ୍ତ ଜାଇ ଗୋଲେକେର ଧାମରେ ।

—✱—

ଜୟ ଜଗଦୀଶ୍ୱର, କୃଷ୍ଣ ପରାତ୍ପର, ଜୟ ହରି ଭବ ଭୟ ହାରି । ଜୟ କମଲା ପତି, ଜୟ ଯଦୁକୁଳ ପତି, ଜୟ ଶର କାର୍ମ୍ମୁକ ଧାରି । ଜୟ ଦଶରଥସୁତ, ଜୟ ପ୍ରଭୁ ଅଚ୍ୟୁତ, ଜୟ ବୈକୁଣ୍ଠ ବିହାରି । ଜୟ ନାରାୟଣ, ଜୟ ମଧୁସୂଦନ, ଜୟ ମମ ପାତକ ହାରି ।

—✱—

ପୂରବ୍ୟା ଗନ୍ତ୍ୱା ।

କୋଥା ଗୋ ମା ଭବ ଦାରା, ରକ୍ଷାକର ତୁମି ତାରା, ନାହିଲ ଜୀବନ ହାରା, ତୋମାବିନେ । ଆଦ୍ୟାଶକ୍ତି ସନାତନୀ, ରକ୍ଷାକର ଗୋ ଭବାନୀ, କାନ୍ଦିତେଛେ ମହାପ୍ରାଣୀ, ଋଣି ଏନେ । କରି ଆମି ଉପାସନା, ଦୂରକର ମମ ଯାତନା । ମିଛେ କେନ ଭବ ଭାବନା, ଭାବାଓ ମୋରେ ଅକାରଣେ ।

ପୂରବୀ—ଆଡା ।

ଦିବା ଅବସାନ ହଲ କିକର ବସିୟା ମନ । ଉତ୍ତରିତେ ଭବନଦୀ କରେଛ କି ଆୟୋଜନ । ଆୟୁ ସୂର୍ଯ୍ୟ ଅସ୍ତ ଯାୟ, ଦେଖିବେ ଦେଖେନା ତାଏ, ଭୁଲେ ମୋହମାୟାଏ, ହାରାଏଛ ତତ୍ତ୍ୱଜ୍ଞାନ । ନିଜ-ହିତ ଯଦି ଚାଓ, ତାହାର ଶରନ ଲଓ, ଭବ କର୍ଣ୍ଣଧାର ଯିନି ପାପ ସନ୍ତାପ ହରନ ।

ଖେମଟା ।

କିଧନେ ତୁଷିବ ହରିହେ ତୁମାୟ କିଧନେ ତୁଷିବ ହରି । ଆମାର ଆଛେ କିବା ଧନ, ଏବ କିବା ଧନ ଯେ ଧନ ଦିଆଛ ସେ ଧନ

ତୋମାରି । ପଦ । ସଞ୍ଚିତ ଧନ ବଞ୍ଚିତ ଦବ ଲୁଣ୍ଠନକରି । ସମଯୋଗ୍ୟ ନୟେ ଅଯୋଗ୍ୟ ତୋମାରି । ଯାର ବହ୍ମମୟୁ ପୂଜା, କୁବେର ଭଣ୍ଡାରି, ଲକ୍ଷ୍ମୀ ଆଜ୍ଞାକାରୀ ଅଛେନ ଚରନ ଧରି । ୧ । ମନେ କରି କିଛୁ ଦବ ହେ ଆସନ, ଯାହାର ଆସନ ଗରୁଡ଼ ଆସନ, ଯାର ହୃଦି ପଦ୍ମାସନ, ତୁମି ଭକ୍ତାସନ, ମିଛେ କେନ ଆମାୟେ କର ଅନ୍ୟସରି । ୨ । କିବା ଭୂଷନ ତୋମାୟେ ଦବ ଗୁନମନି, ଶ୍ରୀଅଙ୍ଗେ ଭୂଷିତ କଉସ୍ତୁଭମନି । ସହସ୍ରଙ୍ଗ ଯାଆର ନୀଲକାନ୍ତ ଅଙ୍ଗ, ଚନ୍ଦ୍ରକାନ୍ତ ଜିନି ରୁପେର ମାଧୁରୀ । ୩ । ମନେ କରି କିଛୁ ଅନେ୍ୟନାହି ମନ, ରାଧା ପ୍ରେମ ଡୋରେ ବାନ୍ଧା ଅନୁକ୍ଷନ । କହେ ଭକ୍ତ ହୀନ ଦେହ ଶ୍ରୀଚରନ, ଦାସ ଗୋବିନ୍ଦେରେ ରାଖ ହେ ମୁରାରି । ୪ ।

ତାଲ—ଖେମଟା ।

ହେଲତେ ରତନ୍ ହାରାୟୋ ନା ମନ୍ ହରି ହରି ବଲ ବଦନେ । ହରି ବୋଲ୨ ହରି ବୋଲ ସଦା ଶୟନେ ସ୍ୱପନେ ଜାଗରନେ । ପଦ । ଅଲକେର ସୁଖ ହଲ ନା ବଲଏ, ତା ବଲେ କି ନାମ ଯାବି ରେ ଭୁଲୟେ, ଯାର ନାମେ, ଯାର ପ୍ରେମେ, ହଲେନ ଶୁକଦେବ ସୁଖୀ, ହଲେନ ନାରଦ ବୈରାଗୀ, ହଲେନ ମହାଦେବ ଯୋଗୀ, ବେଦାନ ସ୍ମଶାନେ ମଶାନେ ଯୋଗଧ୍ୟାନେ ॥ ତେଜ୍ୟାକରେ ଯେଦିନ୍ ଯାବିରେ ସଂସାର କୋଥାଏ ରବେ ତୋର ପୁତ୍ର ପରିବାର, ଅସାରସଂସାର, ଆଁଖି ମୁଦିଲେ ଅନ୍ଧକାର, କରୋ ହରି ନାମ୍ ସାର, ରେଖ ରତ ମତି ହରି ଚରନେ ॥ ପୃଥ୍ୱୀଶଯ୍ୟାୟେ ଯେଦିନ କରିବେରେ ଶୟନ । କୋଥାଏ ରବେ ତୋର ବନ୍ଧୁ ବାନ୍ଧବଗନ, ସେଦିନେ ନିଦାନେ, କର ହରି ନାମ ସାର, ତୋମାୟେ ଲବେନା ଛେଁବେନା ଶମନେ ॥

ବିଭାସ ଆଡ଼ାଠେକା ।

ତୁମି କାର କେ ତୋମାର କାରେ ବଲେ ହେ ଆପନ । ମୋହ-ମାୟା ନିଦ୍ରାବଶେ ଦେଖିଛ ସ୍ୱପନ ॥ ନାନାପକ୍ଷୀ ଏକବୃକ୍ଷେ

ନିଶିତେ ବିହରେ ସୁଖେ, ପ୍ରଭାତ ହଇଲେ ଦଶଦିକେତେ ଗମନ ॥ ଏମତି ଜାଇବେ ସବ, ଅମାତ୍ୟ ବନ୍ଧୁ ବାନ୍ଧବ ସମସ୍ତେ ପାରିବେ .ତାରା ନ କରେ ବାରନ ॥ କୋଥା କୁସୁମ ଚନ୍ଦନ, ମଣିମୟ ଆଭରନ, କୋଥା ବା ରହିବେ ତବ ପ୍ରାନ ପ୍ରିୟଜନ ॥ ଧନ ଯଉବନ ମାନ କୋଥା ରବେ ଅଭିମାନ, ଯଖନ କରିବେ ଗ୍ରାସ ଭୀଷଣ ଶମନ ॥

ସୁଧାମାଖା ହରି ନାମ ଏକବାର ବଲରେ ମନ ମଧୁରସ୍ୱରେ ।
ଓରେ ହରିବିନା କି ଧନ ଆଛେ ସଂସାରେ ।
ଯେମନ୍ତ ହିରା ମୁକ୍ତା ରତ୍ନ ଭୁଲେଗେଲି ମାଲମତି,
ଓ ମନ ଭ୍ରାନ୍ତିମତି ଚିନଲି ନାରେ ।
ଓରେ ଯେ ନାମେର ଲାଗି ଶିବ ହୟେଛେ ସର୍ବତ୍ୟାଗୀ,
ମହାଯୋଗୀ ସଦାଇ ଆଛେନ ଯୋଗାସନେ ।

ହରିନାମ ବଡ଼ ଭାଲ ବାସି । ସଦା ଭାବରେ ମନ ହାସି ଶଶୀ ।
ବ୍ରଜକୁଲ ଆକୁଲ କରି, ଗୋପାଙ୍ଗନାର ମନ ଚୋରି,
ତାରେ କରହେ ହୃଦୟବାସୀ ।
ଭାବରେ ବିନୋଦ କାଲା, ଜୁଡ଼ାବେ ସକଲ ଜାଲା,
ମୁଛେ ଯାବେ ମନେର ମସି ।
ତୋର ଲଲାଟ ହଇରେ କାଲ, ଛିଡ଼େ ଫେଲ ମାୟା ଜାଲ,
ଆର ମିଛା କେନ ଭାବ ବସି ।
ହରି ନାମ ମହାସୁଧା, ପାନ କର ଯାବେ କ୍ଷୁଧା,
ହବିରେ ତୁଇ ଗୋଲକ ବାସୀ ।

ହିନ୍ଦୀ ଭଜନ ।

କାୟା ଗଡ଼କା ଧନ୍ଧ । ମତକର ଗରବ ଗୁମାନ କାୟା ନାଚେ ଆପନ । ପଦ । ଜୁଗ ଜୁଗ ଜଙ୍ଗର ମହେଲ ଚଣାୟୋ ବନ୍ଦା କହେ ଘରମେରା । ଫୌଜ ଆଇ ଗୋପାଲ ଲଲକି ନ ଘର ତେରା ନ ମେରା ॥ ମାତ କହେ ଏ ପୁତ୍ର ହାମାରି ଭଗନ କହେ ଭୟା ମେରା ॥ ଭାଇ କହେ

ଏ ତୁଜା ହମାର୍ ନାସ୍ତି କହେ ପଞ୍ଚ ମେକ୍ସ ॥ ଗୁରଜନା ମିଲି ମତ ଉପାୟୋ ଉଠେୟା କାଁଠକି କାଢୀ । ଯାଏ ଝଙ୍ଗଲମେ ତେଡ଼ଯାକର ଉହାଁ ଫୁଙ୍କଦେଇ ହୋଇ ॥ ହାଡ଼ଜଲେ ଜେସେ ଲକଡରେ କେଶଜଲେ ଯେଉଁ ଘାସ । କାଞ୍ଚନକାୟା ଏଉଁ ଜଲେରେ କୋଇ ନ ଆବେ ପାଶ ॥ କହେତ କବିର ଶୁନ ଭାଇ ସାଧୁ ଏ ପଦ ହଏ ନିର୍ବାନି । ଏ ପଦକୁ ଯୋ ନିନ୍ଦାକରହି ଯାଵ ନରକ ନିଶାନୀ । ୫ ।

(ଖେଲ ଖେଲ ଶିବ ଶଙ୍କର—ଧୂଲେ)

ଯ ଜାଗିୟେ ରଘୁନାଥ କୁଁବର ପଁଛୁ ବନ ବୋଲେ । ଚେକା ଶଶୀକିରଣ ଶୀତଲ ଭେଇ, ଉବାଇ ପିୟୁ ମିଲନ ଗଇ, ତ୍ରିବିଧ ମଁନ୍ଦ ଚଲତ ପବନ ପଲ୍ଲବ ଦ୍ରୁମ ଡୋଲେ । ୧ । ପ୍ରାତଃ ଭାନୁ ପ୍ରକଟ ଭୟେ ରଜନୀକୋ ତିମିର ଗୟେ । ଭୃଙ୍ଗ କରତ ଗୁଞ୍ଜଗାନ କମଲଦଲ ବୋଲେ ॥ ମୁଖ କେ ଅଞ୍ଚଲ ପୁର କର ନୟନ ପଲକ ଖୋଲେ । ତୁଲସୀଦାସ ଅତି ଆନନ୍ଦ, ନିରଖି କେ ମୁଖାରବିନ୍ଦ, ଦୀନନ କୋ ଦେତ ଦାନ ଭୂଷଣ ଅନମୋଲେ । ୪ ।

ତାଲ ଛପକା କର୍ଓୟାଲ ।

ବନ୍ଦେ ଭୁଲ କ୍ୟା ସମଜ୍ ତାରେ । ଆଖର ମଟିମେ ମିଲ୍ ଯାଏଗା । ପଦ । ଚଲ୍ ଯାଏଗା ମନ୍ଦ ଯାଏଗା ଯାଏଗା ମଲ୍ ମଲ୍ ଖାସା । ଲାଖୋଁ ଦେଯେୟାକା କୀଲ୍ ଗି ଯାଏଗା ଜଙ୍ଗଲ ହୋଗା ବାସା । ୧ । କଲ୍ ଘରକି ବଦ୍ୟୋଲ ହୋଗୋ ଆଁଖେ ପଚି ବାନ୍ଧେଗା । ଖାନେ ପିନେ କୁଚୁ ନେହି ଦେଗା ସାରଦିନ ଦୁମାର୍ଓୟେଗା । ୨ । ଧୋବି ଘରକା ଗାଧା ହୋଗା ମଏଲା କପଡ଼ା ଢୋହେଗା । ଯାନେ ଅନେ ଜୁଲୁମ କରେଗା ଦୋମ୍ବର ସୋଁଠା ଖାର୍ଓୟେଗା । ୩ । ବାଜଘରକେ ବନ୍ଦର ହୋଗା ଗଲେ ରସି ବାନ୍ଧେଗା । ଦ୍ୱାର ଦ୍ୱାରମେ କୌଡକେ ଓ୍ୟାସ୍ତେ ଲକୁ ପର ଲଗ୍ୱର୍ଓୟେଗା । ଓର ଜନମ୍ମେ କର୍ଓୟା ହୋଗ, କା କା ବୋଲକେ ଘୁର୍ଓୟେଗା । କହେତ କବିର ଶୋନ ଭାଇ ସାଧୁ ଚଉରାଶୀ ଘୁମାର୍ଓୟେଗା । ୫ ।

ସମାପ୍ତ ।

IMPERIAL.

☞ ଗ୍ରାହକବୃନ୍ଦଙ୍କ ବିଶେଷ ସୁବିଧା, ପରୀକ୍ଷା କରି ଦେଖନ୍ତୁ । ☜

ଏଥିଲିଖିତ ପୁସ୍ତକମାନ ଓ କଟକରୁ ଯାବତୀୟ ପୁସ୍ତକମାନ ଆମ୍ଭର
ଏଠାରେ ମିଳେ, ଏଠାରେ ପୁସ୍ତକ ବନ୍ଧାଂଓ ଯାବତୀୟ ଛାପାକାର୍ଯ୍ୟ
ସୁଲଭ ମୂଲ୍ୟେ କରିଦିଆ ଯାଏ । ଏହାଛଡ଼ା ଯାବତୀୟ ପଦାର୍ଥ
ବିଦେଶକୁ ପତ୍ର ପାଠମାତ୍ରେ ଭିঃ ପିঃ ରେ ପଠାଯାଏ ।

ଓଡ଼ିଆ ବଙ୍ଗଳାଶିକ୍ଷା	ଟ ୦ / ୬
ଛନ୍ଦରସିକ ମନମୋହନ	ଟ ୦ ।୵
ମଙ୍ଗଳା ଓ ଶୀତଳାସ୍ତୁତି	ଟ ୦ _ ୬
ରତ୍ନମୁକ୍ତା	ଟ ୦ _ ୬
ଅନ୍ତଲିପି ଓ ବହିଲିପି	ଟ ୦ / ୩
ବୃହତ ଗୀତାବଳୀ	ଟ ୦ /
,, ସ୍ୱପ୍ନବିଳାସ	ଟ ୦ _ ୬
ବାରମାସୀଗୀତ	ଟ ୦ /
ରାଧାକୃଷ୍ଣ ମିଳନ ଓ ଲକ୍ଷ୍ମୀଶ୍ୱ	ଟ ୦ /
ହନୁମାନ ଚଉତିଶା	ଟ ୦ _ ୬
କଳିଯୁଗ ବର୍ଣ୍ଣନା	ଟ ୦ /
ନବଗୁଞ୍ଜର	ଟ ୦ /
ଦୁର୍ଗାସ୍ତୁତି	ଟ ୦ _ ୬
ବ୍ରତର ଅବକାଶ	ଟ ୦ /
କୌଶଲ୍ୟା ରୋଦନ, ଅଯୋଧ୍ୟାଶୋକ, ଗଙ୍ଗା କାଳୀସ୍ତବ	ଟ ୦ _ ୧
ସଚିତ୍ର କେଳାକେଳୁଣୀ ସୁଆଙ୍ଗ	ଟ ୦ /
,, ,, ,, ଦାସ୍ଵିକା	ଟ ୦ _ ୬
,, ଓଡ଼ିଆ କାହାଣି ବା କଥା	ଟ ୦ ॥
,, କେମିତିକର କାନ	ଟ ୦ _ ୬
,, ବୃନ୍ଦାବନବିହାର ଓ ହାଟବସା	ଟ ୦ /
,, ଗାଯ୍ନକ ପ୍ରଶ୍ନ ଉତ୍ତର ବା ପଟଳ	ଟ ୦ /
,, ସଙ୍ଗୀତ ମନମୋହନ ୧ମ	ଟ ୦ ୵ ୬
,, ,, ,, ,, ୨ୟ	ଟ ୦ ୵ ୬
,, ,, ,, ,, ୩ୟ	ଟ ୦ ୵
ସରଳ ନାଟକପରୀକ୍ଷା	ଟ ୦ ।
ଓଡ଼ିଆ ଇଂରାଜୀ ଶିକ୍ଷା	ଟ ୦ ॥
ସଚିତ୍ର ସଙ୍ଗୀତ ରତ୍ନାକର	ଟ ୦ ୵
,, ,, ରତ୍ନହାର	ଟ ୦ ୵
,, ,, [illegible]	ଟ ୦ ୵
,, ,, ଗୋଲାପଫୁଲ	ଟ ୦ ୵
,, ,, ଉପେନ୍ଦ୍ରଭଞ୍ଜ ୧ମ	ଟ ୦ /
,, ,, ,, ,, ୨ୟ	ଟ ୦ / ୬
,, ଶ୍ରୀକୃଷ୍ଣ ଗୀତସଙ୍ଗ	ଟ ୦ /
,, ନୂଆବୋହୂ କାନ	ଟ ୦ _ ୬
,, ଭକ୍ତଙ୍କ ଭଜନ ବା ଭଜନସାର	ଟ ୦ ୵
,, ଫୁଲଠାର ବା ଫୁଲ ମାଳସା	ଟ ୦ _ ୬
ପଞ୍ଚରତ୍ନ, ଶିବସ୍ତୁତି ଓ ମୋହମୁଦ୍ଗର ଗୀତାଷ୍ଟକ	ଟ ୦ _ ୯
ଶ୍ରୀଗୋପାଳ ଦାସଙ୍କ ରଚିତ	
ସଚିତ୍ର ସାବିତ୍ରୀ ସତ୍ୟବାନ ସୁ	ଟ ୦ / ୬
,, ଅଶ୍ୱମେଧ ସୁଆଙ୍ଗ	ଟ ୦ ୵
,, ଉଗ୍ରସେନ ,,	ଟ ୦ / ୬
,, କୁଳଦୀପା ,,	ଟ ୦ ୵
,, ଶ୍ରୀବତ୍ସରଥ ,,	ଟ ୦ ୵
,, କଂସଜନ୍ମ ,,	ଟ ୦ ୵
,, ଜଳନ୍ଧର ବଧ ,,	ଟ ୦ ୵
,, ପ୍ରହ୍ଲାଦ ଚରିତ ,,	ଟ ୦ ୵
,, ରତ୍ନାକର ପାଲା ,,	ଟ ୦ ୵
,, ଶତ୍ରୁବଧ ,,	ଟ ୦ / ୬
,, ଭଡ଼ାଜାହାଜ ବା ମୃଦଙ୍ଗପ୍ରେମ ଗୀତ	ଟ ୦ /

ଶ୍ରୀମୋହିନୀ ଚରଣ ଦାସ, ୬୫ନମ୍ବର ନେମୁତଲା; କଲିକତା ।